ODIA DAILY EDITION
09.08.2025
କଟକ,ଶନିବାର
ପୃଷ୍ଠା- ୪ + ୪, ମୂଲ୍ୟ- ₹୨.୦୦
ଅଗଷ୍ଟ-୦୯, ୨୦୨୫
ବର୍ଷ-୩୭, ସଂଖ୍ୟା-୩୫
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA
36 Years of publication SINCE 1989

DSPL-197



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁଭଦ୍ରା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

କଥା ଦେଇ କଥା ରଖିଲେ ଲୋକଙ୍କ ସରକାର

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ

ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ
ସୁଭଦ୍ରାର
ତୃତୀୟ କିସ୍ତି ପ୍ରଦାନ

ମହିଳା ସଶକ୍ତିକରଣକୁ ମିଳୁଛି ଗତି



୧ କୋଟି
ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ
୫ ହଜାର କୋଟି ଟଙ୍କା ପ୍ରଦାନ

୯ ଅଗଷ୍ଟ ୨୦୨୫ । ଜୟପୁର, କୋରାପୁଟ

www.subhadra.odisha.gov.in । ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର । ଦେୟମୁକ୍ତ ସହାୟତା ନମ୍ବର ୧୪୬୭୮

OIPR 33001/13/0105/2526
MBA 25/26/0257

ODIA DAILY EDITION
09.08.2025
କଟକ, ଶନିବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨ .୦୦
ଅଗଷ୍ଟ-୦୯, ୨୦୨୫
ବର୍ଷ-୩୭, ସଂଖ୍ୟା-୩୫
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA

36 Years of publication SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

# ମୋଦୀ-ପୁଟିନ ଆଲୋଚନା

## ୟୁକ୍ରେନ ସମ୍ବନ୍ଧୀୟ ସଦ୍ୟତମ ଘଟଣା ଉପରେ ମୋଦୀଙ୍କୁ ଅବଗତ କଲେ ପୁଟିନ

## ରଣନୈତିକ ସହଭାଗୀତାକୁ ଗଭୀର କରିବା ପ୍ରତିବଦ୍ଧତାକୁ ଦୋହରାଇଲେ ୨ ନେତା

## ଦ୍ୱିପାକ୍ଷିକ ଶିଖର ସମ୍ମିଳନୀ ପାଇଁ ପୁଟିନଙ୍କୁ ମୋଦୀଙ୍କ ନିମନ୍ତ୍ରଣ



**ନୂଆଦିଲ୍ଲୀ, ୮।୮:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ରମାଗତ ଭାବେ ଭାରତ ବିରୋଧୀ ଆଭିମୁଖ୍ୟକୁ ବଢ଼ାଇ ଚାଲିଛନ୍ତି । ଟ୍ରମ୍ପ ଭାରତ ଉପରେ ୫୦% ଟାରିଫ ଲଗାଇଥିବାରୁ ଏହାର ମୁକାବିଲା କରିବାକୁ ଅଣ୍ଟା ଭିଡ଼ିଛି ନୂଆଦିଲ୍ଲୀ । ଟ୍ରମ୍ପଙ୍କ ସହ ବିବାଦ ଚାଲିଥିବା ବେଳେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଫୋନରେ କଥା ହୋଇଛନ୍ତି ।

ସେ ପୁଟିନଙ୍କ ସହ ବେଶ ଭଲ ଓ ବିସ୍ତୃତ ଭାବେ ସବୁ ପ୍ରସଙ୍ଗରେ କଥା ହେବା ସହ ଦୁଇ ଦେଶ ମଧ୍ୟରେ ଥିବା ରଣନୀତିକ ଭାଗିଦାରୀ ପ୍ରତି ଭାରତ ପ୍ରତିବଦ୍ଧ ରହିଥିବା ମୋଦି ଜଣାଇଛନ୍ତି ।

ଚଳିତ ବର୍ଷ ଭାରତ-ରୁଷ ୨୩ତମ ବାର୍ଷିକ ସମ୍ମିଳନୀ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ । ଏହି ସମୟରେ ପୁଟିନଙ୍କୁ ସ୍ୱାଗତ କରିବା ପାଇଁ ମୋଦି ଅପେକ୍ଷା କରିବେ ବୋଲି ଏକ୍ସରେ ସୂଚନା ଦେଇଛନ୍ତି । ୟୁକ୍ରେନ ଯୁଦ୍ଧ ସମ୍ପର୍କରେ ପୁଟିନ ତାଙ୍କୁ ବିସ୍ତୃତ ତଥ୍ୟ ଦେଇଥିବାରୁ ମୋଦି ତାଙ୍କୁ ଧନ୍ୟବାଦ ମଧ୍ୟ ଜଣାଇଛନ୍ତି ।

ଏକ୍ସରେ ମୋଦି କହିଛନ୍ତି, "ଗୋଟିଏ ସକାରାତ୍ମକ ଓ ବିସ୍ତୃତ ଆଲୋଚନା ମୋ ବନ୍ଧୁ ରାଷ୍ଟ୍ରପତି ପୁଟିନଙ୍କ ସହ କରିଛି । ୟୁକ୍ରେନ ଯୁଦ୍ଧ ସହ ଜଡ଼ିତ ସଦ୍ୟତମ ତଥ୍ୟ ଦେଇଥିବାରୁ ମୁଁ ତାଙ୍କୁ ଧନ୍ୟବାଦ ଜଣାଇଛି । ଆମେ ଦ୍ୱିପାକ୍ଷିକ ଏଜେଣ୍ଡାର ସମୀକ୍ଷା କରିଛୁ । ଭାରତ-ରୁଷ ମଧ୍ୟରେ ଥିବା ସ୍ୱତନ୍ତ୍ର ରଣନୀତିକ ଭାଗିଦାରୀକୁ ଆହୁରି ନିବିଡ଼ କରିବା ଦିଗରେ ଆମେ ପ୍ରତିଶ୍ରୁତିବଦ୍ଧ । ଚଳିତ ବର୍ଷ ରାଷ୍ଟ୍ରପତି ପୁଟିନଙ୍କୁ ଭାରତର ସ୍ୱାଗତ କରିବାକୁ ମୁଁ ଅପେକ୍ଷାରତ ।"

ମୋଦି ଓ ପୁଟିନଙ୍କ ଫୋନ ଯୋଗେ ଆଲୋଚନା କରେ ସରକାରଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଭାରତର ଆଭିମୁଖ୍ୟକୁ ପ୍ରଧାନମନ୍ତ୍ରୀ ଦୋହରାଇଛନ୍ତି । ବିବାଦ ସମାଧାନ ପାଇଁ ଭାରତ ପକ୍ଷରୁ ରୁଷ ଓ ୟୁକ୍ରେନକୁ ଆଲୋଚନା କରିବାକୁ ଆହ୍ୱାନ କରାଯାଇଛି ।

ଯୁଦ୍ଧ ଏବେ ୪ର୍ଥ ବର୍ଷରେ ପ୍ରବେଶ କଲାଣି । ଏହାବାଦ ଦୁଇ ନେତା ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ଓ ପରସ୍ପର ମଧ୍ୟରେ ଥିବା ସମ୍ପର୍କକୁ ଅଧିକ ମଜବୁତ କରିବା ପାଇଁ ପ୍ରତିବଦ୍ଧ ଥିବା ଜଣାଇଛନ୍ତି ।

# ଆୟକର ବିଲ୍ ପ୍ରତ୍ୟାହାର

**ନୂଆଦିଲ୍ଲୀ, ୮।୮:** ଚଳିତ ବର୍ଷ ଫେବୃଆରୀ ୧୩ରେ କେନ୍ଦ୍ର ସରକାର ଲୋକସଭାରେ ଆୟକର ବିଲ ୨୦୨୫କୁ ଉପସ୍ଥାପନ କରିଥିଲେ । ଏହା ଆୟକର ଆଇନ ୧୯୬୧ର ସ୍ଥାନ

**୧୧ରେ କେନ୍ଦ୍ର ସରକାର ନୂଆ ବିଲ୍ ଆଣିବେ**

ନେବାର ଥିଲା । କିନ୍ତୁ ଏହାକୁ ଆଜି କେନ୍ଦ୍ର ସରକାର ପ୍ରତ୍ୟାହାର କରି ନେଇଛନ୍ତି । ନୂଆ ରୂପରେ କେନ୍ଦ୍ର ସରକାର ଆୟକର ବିଲକୁ ପୁଣି ଉପସ୍ଥାପନ କରିବେ । ଆୟକର ବିଲର ସମୀକ୍ଷା କରିବା ପାଇଁ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗୋଟିଏ ସିଲେକ୍ଟ କମିଟି ଗଠନ କରାଯାଇଥିଲା । ଏବେ ନୂଆ ବିଲରେ ଶ୍ରୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଦେଇଥିବା ପରାମର୍ଶଗୁଡ଼ିକୁ ସାମିଲ କରାଯିବ । ଏହାପରେ ଅଗଷ୍ଟ ୧୧ରେ କେନ୍ଦ୍ର ସରକାର ନୂଆ ଆୟକର ବିଲ ଆଣିବେ ।




ଆୟକର ବିଲ ୨୦୨୫ରେ ବିଭିନ୍ନ ସଂସ୍କାରର ବ୍ୟବସ୍ଥା ହୋଇଥିବା ବେଳେ ଏହା ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା । ଏହାକୁ ଦୂର କରି ସବୁ ପ୍ରକାରର ପରାମର୍ଶକୁ ସାମିଲ କରି ସଂଶୋଧିତ ତଥା ନୂଆ ରୂପରେ ଆୟକର ବିଲ ଆସିବ । ଏହାକୁ ସୋମବାର ସଂସଦରେ ଉପସ୍ଥାପନ କରାଂବ ବୋଲି ଜଣାପଡ଼ିଛି ।

ସରକାର ଉପସ୍ଥାପନ କରିଥିବା ବିଲକୁ ସମୀକ୍ଷା କରି ଶ୍ରୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଜୁଲାଇ ୨୧ରେ ସଂସଦରେ ରିପୋର୍ଟ ଦାଖଲ କରିଥିଲା । ଏହି ରିପୋର୍ଟ ୪,୫୦୦ ପୃଷ୍ଠାର ହୋଇଥିବା ବେଳେ ଏଥିରେ ୨୮୫ଟି ପ୍ରସ୍ତାବ ଦିଆଯାଇଛି ।

ଏଥିରେ ଏମିତି କିଛି ପ୍ରସ୍ତାବ ରହିଛି, ଯାହା ସାଧାରଣ ଲୋକଙ୍କୁ ବେଶ ଫାଇଦା ଦେବ ବୋଲି କୁହାଯାଉଛି । ସୋମବାର ଆସିବାକୁ ଥିବା ଆୟକର ବିଲ ପୁରୁଣା ୧୯୬୧ ଆଇନର ସ୍ଥାନ ନେବ ।

## ଭୁବନେଶ୍ୱର ଏମ୍ସରେ ସିବିଆଇ ଚଢ଼ଉ

**ଭୁବନେଶ୍ୱର, ୮।୮:** ନିଯୁକ୍ତି ଦୁର୍ନୀତି ଅଭିଯୋଗ ନେଇ ସିବିଆଇ ଶୁକ୍ରବାର ଏମ୍ସ ଭୁବନେଶ୍ୱର ସମେତ ରାଜଧାନୀ ଭୁବନେଶ୍ୱରର ଏକାଧିକ ସ୍ଥାନରେ ଚଢ଼ଉ କରିଛି । ସିବିଆଇର ଏକାଧିକ ଟିମ୍ ଏମ୍ସ ଭୁବନେଶ୍ୱର ସମେତ ଅନ୍ୟ ସ୍ଥାନରେ ଚଢ଼ଉ ଜାରି ରଖିଥିବା ଜଣାଯାଇଛି । ସିବିଆଇର ଏହି ଚଢ଼ଉ ଅଭିଯାନରେ ଭୁବନେଶ୍ୱରର କଳ୍ପନା ଅଞ୍ଚଳ ଓ ଜଗତସିଂହପୁର ଜିଲ୍ଲା ମଧ୍ୟ ସାମିଲ ରହିଛି । ଏହି ଚଢ଼ଉ ସମୟରେ ସିବିଆଇ ଟିମ୍ କୁ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ହସ୍ତଗତ ହୋଇଥିବା ଜଣାଯାଇଛି ।

## ହୋମଗାର୍ଡ଼ ପରୀକ୍ଷାର୍ଥୀଙ୍କ ମୃତ୍ୟୁ

**ଖୋର୍ଦ୍ଧା, ୮।୮:** ହୋମଗାର୍ଡ଼ ପରୀକ୍ଷା ଦେବା ପାଇଁ ଆସିଥିବା ଜଣେ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ଘଟିଛି । ଖୋର୍ଦ୍ଧା ଜିଲ୍ଲାର ତରତୁଆ ସ୍ଥିତ ପୋଲିସ ରିଜର୍ଭ ପଡ଼ିଆରେ ସେ ଆଜି ଶାରିରୀକ ପରୀକ୍ଷା ଦେବା ନିମନ୍ତେ ଆସିଥିଲେ । ସେଠାରେ ସେ ଦୌଡୁଥିବା ସମୟରେ ଅସୁସ୍ଥ ଅନୁଭବ କରିବା ସହ ତଳେ ପଡି ଯାଇଥିଲେ । ତାଙ୍କୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତି କରାଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ।

| | |
|---|---|
| ସେନ୍‌ସେକ୍ସ | ୭୯,୮୫୭ |
| ନିଫ୍ଟି | ୨୪,୩୬୩ |
| ସୁନା/୧୦ଗ୍ରା | ୧,୦୪,୨୧୦ |
| ରୂପା/କିଗ୍ରା | ୧,୦୧,୯୯୫ |
| ଡଲାର | ୮୭.୫୧ |

## ପାଣିପାଗ

| | |
|---|---|
| ସର୍ବାଧିକ | |
| ଭୁବନେଶ୍ୱର: | ୩୦.୨° |
| କଟକ: | ୩୦.୭° |
| ସର୍ବନିମ୍ନ | |
| ଭୁବନେଶ୍ୱର: | ୨୫.୪° |
| କଟକ: | ୨୫.୮° |

## ହାଲ୍‌ଚାଲ୍



ପଟ୍ଟାମୁଣ୍ଡାଇ ଛାତ୍ରୀ ପୋଡ଼ି ଘଟଣା ନୂଆ ମୋଡ଼ ନେଲା ହତ୍ୟା କରାଯାଇଥିବା ନେଇ ସନ୍ଦେହ ଜୋର୍‌ରେ ବଢ଼ିଲା ଛାତ୍ରୀଙ୍କ ପ୍ରେମିକାକୁ ଚେନ୍ନାଇରୁ ପୋଲିସ ଉଠାଇ ଆଣିଲା ।

# ଆଜି ମିଳିବ ସୁଭଦ୍ରା ତୃତୀୟ କିସ୍ତି



**ଜୟପୁର, ୮।୮:** ଆଜି ମିଳିବ ସୁଭଦ୍ରା ଟଙ୍କା । ଏହା ପୂର୍ବରୁ ଏହି ଯୋଜନାରେ ଉପୁଜିଥିବା ସମସ୍ୟାର ସମୀକ୍ଷା କରିବାକୁ କୋଟିଆ ଗସ୍ତ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଏହ ଅବସରରେ ପ୍ରଭାତି ପରିଡା କହିଛନ୍ତି ଯେ, ଗ୍ରାମୀଣ ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ଆଣିଛି ସୁଭଦ୍ରା ଯୋଜନା । ଆସନ୍ତା ଅଗଷ୍ଟ ୯ ତାରିଖ ରାକ୍ଷୀ ପୂର୍ଣ୍ଣିମା ଅବସରରେ ଏଥିରେ ଯୋଡ଼ିହେବାକୁ ଯାଉଛି ଆଉ ଏକ ଫର୍ଦ୍ଦ । ମହିଳାଙ୍କ ସମୃଦ୍ଧି ଜରିଆରେ ରାଜ୍ୟ ଓ ଦେଶର ଉନ୍ନତି ପାଇଁ ସଂକଳ୍ପବଦ୍ଧ ଆମ ସରକାର ।

ଶନିବାର କୋରାପୁଟ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସହର ଉପକଣ୍ଠ ବାଙ୍କବିଜାରେ ଆୟୋଜିତ ସମାବେଶରେ ଯୋଗଦେବେ । ୯ ତାରିଖ ପୂର୍ବାହ୍ଣରେ ମହିଳାଙ୍କୁ ସୁଭଦ୍ରା ଯୋଜନା ତୃତୀୟ କିସ୍ତି ଟଙ୍କା ପ୍ରଦାନ କରିବେ । ଏହାକୁ ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି । ମାଟି ସମତଳ, ଟେଣ୍ଟବନ୍ଧା, ରାସ୍ତାରେ ଧଳା ଦାଗ, ଗଛଗୁଡ଼ିକରେ ଚୂନ ଧଉଳା କାମ ତ୍ୱରାନ୍ୱିତ କରାଯାଇଛି । ବରିଷ୍ଠ ପୁଲିସ, ପ୍ରଶାସନିକ ଅଧିକାରୀମାନେ କାର୍ଯ୍ୟକ୍ରମ ତଦାରଖ କରିଛନ୍ତି । ମୁଖ୍ୟମନ୍ତ୍ରୀ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଦର୍ଶନ

**କୋରାପୁଟରୁ ଟଙ୍କା ବାଣ୍ଟିବେ ମୁଖ୍ୟମନ୍ତ୍ରୀ**

କରିପାରନ୍ତି । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ପ୍ରଶାସନ ପକ୍ଷରୁ କୌଣସି ଆନୁଷ୍ଠାନିକ ସୂଚନା ଦିଆଯାଇନି ।

ସହର ଉପକଣ୍ଠ ବାଙ୍କବିଜା ପଡ଼ିଆରେ ମୁଖ୍ୟକାର୍ଯ୍ୟକ୍ରମ ହେବ । ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଆଖିରେ ରଖି ବ୍ୟାପକ ପ୍ରସ୍ତୁତି କରାଯାଇଛି । ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ପକ୍ଷରୁ ପଡ଼ିଆରେ ୩ ବିରାଟ ଟେଣ୍ଟ ଲଗାଯାଇଛି । ଯେଉଁଠି ୧୫ରୁ ୨୦ ହଜାର ଲୋକ ବସିପାରିବେ । ପାର୍କିଂ, ରୋଷେଇ, ଶୌଚାଳୟ ସହ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି । ଗୁରୁବାର ଅପରାହ୍ଣରେ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଏସ୍‌ପି, ଏସ୍‌ଡିପିଓଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ପଡ଼ିଆ ପରିଦର୍ଶନ କରିଥିଲେ । କାମ ଅଗ୍ରଗତିର ତଦାରଖ କରିଥିଲେ । ଗତ ୬ ତାରିଖ ରାତିରେ ଏସ୍‌ପି, ଏସ୍‌ଡିପିଓଙ୍କ ସହ ଟାଉନ ଏବଂ ସଦରଥାନା ଆଇଆଇସି ପାରବେଡ଼ା ଅଞ୍ଚଳ ପରିଦର୍ଶନ କରିଥିଲେ ।

## ପଟ୍ଟାମୁଣ୍ଡାଇ ଛାତ୍ରୀ ପୋଡ଼ି ମାମଲାରେ ନୂଆ ମୋଡ଼

# ହତ୍ୟା କରାଯାଇଥିବା ସନ୍ଦେହ

## ପୀଡ଼ିତାଙ୍କ ଘରକୁ ଯାଇ ଫୋରେନସିକ ଟିମ୍‌ର ଛାନ୍‌ଭିନ୍

## ଚେନ୍ନାଇରୁ ମୃତକଙ୍କ ପ୍ରେମିକଙ୍କୁ ଉଠାଇ ଆଣିଲା ପୋଲିସ୍

## ସନ୍ଦେହ ବଢ଼ାଇଲା ଅଭିଯୁକ୍ତ ଯୁବକଙ୍କ ବାପା-ମା'ଙ୍କ ବୟାନ



**କେନ୍ଦ୍ରାପଡ଼ା, ୮।୮:** ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମଦାହ ଘଟଣାର ରହସ୍ୟ ବଢ଼ିବାରେ ଲାଗିଛି । ପାରିପାର୍ଶ୍ୱିକ ପରିସ୍ଥିତି ମଧ୍ୟ, ଯୋଜନାବଦ୍ଧ ହତ୍ୟା ଆଡ଼କୁ ଇଙ୍ଗିତ କରୁଛି । ବନ୍ଦ ଘରେ ଛାତ୍ରୀଙ୍କୁ ବାନ୍ଧିଲା କିଏ । ପେଟ୍ରୋଲ ଆଣି ଦେଲା କିଏ ଓ କିଏ ଲଗାଇଲା ନିଆଁ । ଏସବୁ ଅସମାହିତ ପ୍ରଶ୍ନ ଉପରୁ ପୁଲିସ ପରଦା ହଟାଇବା ଜରୁରୀ ହୋଇପଡ଼ିଛି ।

କୁହାଯାଉଛି, ଜୀଅନ୍ତା ଜଳିଯାଇଥିବା ଛାତ୍ରୀଙ୍କ ପେଟକୁ ପଛପଟ ଗ୍ରିଲରେ ଏକ କେବୁଲ ତାରରେ ବାନ୍ଧି ଦିଆଯାଇଥିଲା । ମୃତଦେହର କିଛି ଦୂରରେ ଅଧା ପେଟ୍ରୋଲ ଭର୍ତ୍ତି ଛୋଟିଆ ପ୍ଲାଷ୍ଟିକ ବୋତଲକୁ ପୁଲିସ ଜବତ କରିଥିଲା । ଯାହା ନିକଟରେ ଥିଲା ଏକ ଦିଆସିଲି । ଛାତ୍ରୀଙ୍କ ପିନ୍ଧା ପୋଷାକ ସଂପୂର୍ଣ୍ଣ ପୋଡ଼ି ଯାଇଥିବାବେଳେ, ଶରୀରର ୨୦ରୁ ୩୦ ପ୍ରତିଶତ ଜଳି ଯାଇଥିଲା । ଛାତ ସିଡ଼ି ପାହାଚରେ ବସିଥିବା ଅବସ୍ଥାରେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିଲା । ଏଭଳି ପାରିପାର୍ଶ୍ୱିକ ସ୍ଥିତି ଏବେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

ତେଣୁ ଛାତ୍ରୀଜଣକ ଆତ୍ମଦାହ କରିଥିବା କଥାକୁ ଗ୍ରହଣ କରିପାରୁ ନାହାନ୍ତି ସ୍ଥାନୀୟ ଲୋକେ । ବରଂ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ ବଢ଼ିବାରେ ଲାଗିଛି । ଯାହା ଉପରୁ ପୁଲିସ ପରଦା ହଟାଇବା ଜରୁରୀ ।

ମୃତ ଛାତ୍ରୀଙ୍କ ପରିବାରର ଅଭିଯୋଗ ଆଧାରରେ ପୁରୁଷ ବନ୍ଧୁ ପ୍ରମୋଦ ବେହେରାଙ୍କୁ ଚେନ୍ନାଇରୁ ଗିରଫ କରିଛି ପୁଲିସ । ହେଲେ ଯୁବକଙ୍କ ବାପା, ମା ଆଣିଛନ୍ତି ସାଙ୍ଘାତିକ ଅଭିଯୋଗ । ଝିଅର ପରିବାର ତାକୁ ମାରି ପ୍ରମୋଦଙ୍କ ନାଁରେ ମିଛ ବ୍ଲାକମେଲ ଅଭିଯୋଗ କରୁଥିବା କହିବା ପରେ ସନ୍ଦେହ ବଢ଼ିଛି । ପୁଲିସ ତଦନ୍ତ... ପୂର୍ବରୁ ଛାତ୍ରୀଙ୍କ ମୋବାଇଲ ସିଜ୍ ? ହୋଇଥିବାବେଳେ ଏବେ ପୁରୁଷ ବନ୍ଧୁଙ୍କ ମୋବାଇଲ ଜବତ କରିଛି କେନ୍ଦ୍ରାପଡ଼ା ପୁଲିସ । କନକ ନ୍ୟୁଜରେ ଖବର ପ୍ରସାରଣ ପରେ କ୍ରାଇମସ୍ପଟ୍ ?ରେ ପହଞ୍ଚି ଅଧିକ ଖୋଳତାଡ଼ କରୁଛନ୍ତି ସାଇଣ୍ଟିଫିକ ଓ ଫରନସିକ୍ ? ଟିମ୍ ।

ମୃତ ଛାତ୍ରୀଙ୍କ ପରିବାରର ଅଭିଯୋଗ ଆଧାରରେ, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଏଏସ୍ ?ଆଇ ଶୈଳେନ୍ଦ୍ର ନାରାୟଣ ପଲେଇଙ୍କୁ ବଦଳି କରାଯାଇଛି । କାରଣ ୬ ମାସ ତଳେ ଥାନାକୁ ଅଭିଯୋଗ କରିବାକୁ ଯାଇଥିବାବେଳେ ଅଭିଯୋଗ ରଖିନଥିଲେ ପଲେଇ ବାବୁ । ହେଲେ ଜଣାପଡ଼ିଛି ଅସୁସ୍ଥତା କାରଣ ଦର୍ଶାଇ ୨୦୨୪ ଡିସେମ୍ବରରୁ ୨୦୨୫ ମାର୍ଚ୍ଚ ଯାଏଁ ସେ ଛୁଟିରେ ଥିଲେ । ଯାହା ପୁରା ଘଟଣାକୁ ଆହୁରି ଗୋଳମାଳିଆ କରିଦେଇଛି ।

**ଉପରାଷ୍ଟ୍ରପତି ନିର୍ବାଚନ**

# ଏନଡିଏ ସମର୍ଥିତ ପ୍ରାର୍ଥୀଙ୍କୁ ସମର୍ଥନ ଦେବନି ବିଜେଡି

**ଭୁବନେଶ୍ୱର, ୮।୮:** ଉପରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ସମର୍ଥିତ ପ୍ରାର୍ଥୀଙ୍କୁ ବିଜେଡି ସମର୍ଥନ ଦେବନି ବୋଲି ପୂର୍ବତନ ସାଂସଦ ମହେଶ ସାହୁ କହିଛନ୍ତି । ସେ କହିଛନ୍ତି, ଦଳ ଏନଡିଏ ସମର୍ଥିତ ପ୍ରାର୍ଥୀଙ୍କୁ କଦାପି ସମର୍ଥନ କରିବ ନାହିଁ । ଏନଡିଏ ଯେଉଁ ଯାହାଙ୍କୁ ଉପରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ କରିବ, ବିଜେଡି ତାକୁ ସମର୍ଥନ କରିବ ନାହିଁ । ବିଗତ ଦିନରେ ନରେନ୍ଦ୍ର ମୋଦୀ ଓଡ଼ିଶାର ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରିଥିବାରୁ ଆମେ ତାକୁ ସମର୍ଥନ କରିଥିଲୁ । ହେଲେ ଏବେ ସେ ପରିସ୍ଥିତି ନାହିଁ । ଓ୍ୱାକ୍ସ ରେ କଣ ହୋଇଥିଲା ତାହା ଏବେ ଆଲୋଚନାର ବିଷୟ ନୁହେଁ । ଉପରାଷ୍ଟ୍ରପତି ନିର୍ବାଚନ ନେଇ ଚର୍ଚ୍ଚା ଆରମ୍ଭ ହେବା ଦିନଠୁ, କଥା ଉଠିଥିଲା ଯେ ବିଜେଡି ଏଥର କାହାକୁ ସମର୍ଥନ କରିବ । ଯଦି ବିଜେଡି ଏନଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରେ, ତେବେ ବିଜେପି ପ୍ରେମ ପଦାରେ ପଡ଼ିବ । ଏହାସହ ଦଳ ଯଦି ଇଣ୍ଡି ମେଣ୍ଟର ପ୍ରାର୍ଥୀଙ୍କୁ ସମର୍ଥନ କରେ, ତେବେ ଜାତୀୟ ରାଜନୀତିରେ ନୂଆ ଏକ ସମୀକରଣ ଦେଖିବାକୁ ମିଳିବ । ଏହାସହ ଯଦି ବିଜେଡି ସମଦୂରତ୍ୱ ଫର୍ମୁଲାରେ କୌଣସି ବି ପ୍ରାର୍ଥୀଙ୍କୁ ସମର୍ଥନ ନ ଜଣାଏ, ତେବେ ଦିଲ୍ଲୀ ପଲିଟିକ୍ସରେ ଦଳ ନିଜର ଓଜନ ହରାଇବ ।

## ଯୁବକଙ୍କୁ ଥାର୍ଡ ଡିଗ୍ରୀ ଘଟଣା ଏଏସ୍‌ଆଇଙ୍କୁ ଏସପିଙ୍କ କ୍ଲିନଚିଟ୍

**ଯାଜପୁର, ୮।୮:** ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନାରେ ଯୁବକ ରବିନ୍ଦ୍ର ମଲ୍ଲିକଙ୍କୁ ଥାର୍ଡ ଡିଗ୍ରୀ ଘଟଣାରେ ପୋଲିସର ନୂଆ ଖୁଲାସା । ଥାନାରେ ଯୁବକଙ୍କୁ କୌଣସି ଥାର୍ଡ ଡିଗ୍ରୀ ହୋଇନି । ଯୁବକ ବିଷ ପିଇ ନଥିବା କହିଲେ ଯାଜପୁର ଏସପି । ଜେଲ୍ ଯିବା ଭୟରେ ନାଟକ ରଚିଥିଲା ରବିନ୍ଦ୍ର । ସମସ୍ତ ଘଟଣାକୁ ସିସିଟିଭି କ୍ୟାମେରାରେ ଦେଖାଇଲେ ଏସପି । ସୂଚନା ଅନୁଯାୟୀ, ବାଲିଚନ୍ଦ୍ରପୁର ଥାନା ଅଧୀନ ମହିପୁର ଗ୍ରାମର ରବିନ୍ଦ୍ର ମଲ୍ଲିକ ଜମି ବିବାଦକୁ ନେଇ ବାଲିଚନ୍ଦ୍ରପୁର ଥାନାକୁ ଆସି ଥିଲେ ।

# ରାହୁଲ-ନିର୍ବାଚନ କମିସନ ମୁହାଁମୁହିଁ




**ସବାଲ ଜବାବ ଜୋରଦାର**

**ନୂଆଦିଲ୍ଲୀ, ୮।୮:** କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗତକାଲି ନୂଆଦିଲ୍ଲୀ ଏଆଇସିସି ଅଫିସରେ ଭୋଟ୍ ? ଚୋରି ଅଭିଯୋଗ କରିଥିଲେ । ବେଙ୍ଗାଲୁରୁ କେନ୍ଦ୍ରୀୟ ଲୋକସଭା ଆସନ ଅନ୍ତର୍ଗତ ମହାଦେବପୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ୍ ଚୋରି ଅଭିଯୋଗ କରିଥିଲେ ରାହୁଲ । ଆଜି ସେଠାରେ ହିଁ ଭୋଟର ଅଧିକାର ରାଲି କରି ପୁଣି ନିର୍ବାଚନ କମିସନ ଓ ବିଜେପିକୁ ଟାର୍ଗେଟ୍ କରିଛନ୍ତି । ନିର୍ବାଚନ କମିସନ ଓ ବିଜେପି ମିଳିମିଶି ଭୋଟ୍ ଚୋରି କରିଥିବା ପୁଣି ଅଭିଯୋଗ କରିଛନ୍ତି ରାହୁଲ । ଇଲେକ୍ଟ୍ରୋନିକ ଭୋଟର ତାଲିକା ଦେବା ପାଇଁ ରାହୁଲ ଦାବି କରିଛନ୍ତି ।

ଗତକାଲି ରାହୁଲଙ୍କ ଅଭିଯୋଗ ପରେ ସତ୍ୟପାଠ ସହ ଭୋଟ୍ ଚୋରିର ପ୍ରମାଣ ଦେବାକୁ ନହେଲେ ଦେଶକୁ କ୍ଷମା ପ୍ରାର୍ଥନା କରିବାକୁ ନିର୍ବାଚନ କମିସନ କହିଥିଲେ । ଜବାବରେ ରାହୁଲ କହିଛନ୍ତି, ସମ୍ବିଧାନ ଉପରେ ସେ ସଂସଦରେ ଶପଥ ନେଇ ସାରିଛନ୍ତି । ଭୋଟ୍ ଚୋରି ଅଭିଯୋଗ ପ୍ରମାଣ କରିବାକୁ ରାହୁଲ ଆଜି କିଛି ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡ଼ିଥିବା ବେଳେ ଏନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏନେଇ ମୁହାଁମୁହିଁ ହୋଇଛନ୍ତି ରାହୁଲ ଓ ନିର୍ବାଚନ କମିସନ ।

## ଦୁର୍ଘଟଣାରୁ ବର୍ତ୍ତିଲା ବିଶାଖାପାଟଣା-କୋରବା ଲିଙ୍କ୍ ଏକ୍ସପ୍ରେସ

**ରାୟଗଡା, ୮।୮:** ରେଳ ଧାରଣା ଉପରକୁ ଖସିଲା ପଥର । ଫଳରେ ରାତି ଗତ ରାତି ୧୨ଟା ଠାରୁ ଆଜି ଭୋର୍ ପ୍ରାୟ ୫ଟା ପର୍ଯ୍ୟନ୍ତ ଦୀର୍ଘ ୫ ଘଂଟା ଧରି ରେଳ ସେବା ବ୍ୟାହତ ହୋଇଛି । ଅନ୍ୟପକ୍ଷରେ ଏକ ବଡ଼ ଦୁର୍ଘଟଣାରୁ ବର୍ତି ଯାଇଛି ବିଶାଖାପାଟଣା -କୋରବା ଲିଙ୍କ୍ ଏକ୍ସପ୍ରେସ ଟ୍ରେନ୍ । ରାୟଗଡ଼ା ମଝିଘରିଆଣି ମନ୍ଦିର ନିକଟରେ ପଥର ଧସି ଏକ ବଡ ପଥର ଖଣ୍ଡ ରେଳ ଧାରଣା ଉପରେ ପଡିଥିଲା । ଏହି ସମୟରେ ବିଶାଖାପାଟଣା ଠାରୁ କୋରବା ଯାଉଥିବା ଲିଙ୍କ ଏକ୍ସପ୍ରେସ ସେହି ଟ୍ରାକ ଦେଇ ଯାଉଥିଲା । ମଧ୍ୟରାତ୍ରୀରେ ଜୋରରେ ଶବ୍ଦ ହେବାରୁ ଟ୍ରେନ ଚାଳକ ବ୍ରେକ ଲଗାଇ ଟ୍ରେନକୁ ରୋକିଥିଲେ ।

# ବୈଷୟିକ ବହୁମୁଖୀ ଶିକ୍ଷା ଓ ଗବେଷଣାର ଉନ୍ନତିକୁ କ୍ୟାବିନେଟ୍ ମଞ୍ଜୁରୀ

**ନୂଆଦିଲ୍ଲୀ, ୮।୮(ପିଆଇବି):** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ୧୭୫ଟି ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ଏବଂ ୧୦୦ ପଲିଟେକ୍ନିକ୍ ସହିତ ୨୭୫ଟି ବୈଷୟିକ ଶିକ୍ଷାନୁଷ୍ଠାନରେ 'ବହୁବିଷୟକ ଶିକ୍ଷା ଏବଂ ଗବେଷଣା ଉନ୍ନତି' (ଏମଇଆରଆଇଟିଇ) ଯୋଜନା କାର୍ଯ୍ୟକାରୀ କରିବା ପ୍ରସ୍ତାବକୁ ମଞ୍ଜୁର କରିଛି । ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ଜାତୀୟ ଶିକ୍ଷା ନୀତି-୨୦୨୦ (ଏନଇପି-୨୦୨୦) ସହିତ ସମନ୍ୱିତ ହସ୍ତକ୍ଷେପ କାର୍ଯ୍ୟକାରୀ କରି ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ବୈଷୟିକ ଶିକ୍ଷାର

- **ଖର୍ଚ୍ଚ ହେବ ୪୨୦ କୋଟି**
- **ଉପକୃତ ହେବେ ୭ ଲକ୍ଷ ଛାତ୍ରଛାତ୍ରୀ**

ଗୁଣବତ୍ତା, ସମାନତା ଏବଂ ପ୍ରଶାସନକୁ ଉନ୍ନତ କରିବା ।

ଏହା ଏକ 'କେନ୍ଦ୍ରୀୟ କ୍ଷେତ୍ର ଯୋଜନା' ଏବଂ ୨୦୨୫-୨୬ରୁ ୨୦୨୯-୩୦ ମଧ୍ୟରେ ଏଥିପାଇଁ ମୋଟ୍ ୪୨୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଏହି ଅର୍ଥରାଶି ମଧ୍ୟରୁ ୨୧୦୦ କୋଟି ଟଙ୍କା ବିଶ୍ୱବ୍ୟାଙ୍କ ଋଣ ସହାୟତା ଆକାରରେ ସଂଗ୍ରହ କରାଯିବ ।



ଏହି ଯୋଜନା ଅଧୀନରେ ପ୍ରାୟ ୨୭୫ଟି ସରକାରୀ / ସରକାରୀ ଅନୁଦାନ ପ୍ରାପ୍ତ ବୈଷୟିକ ଶିକ୍ଷାନୁଷ୍ଠାନକୁ ଚୟନ ଏବଂ ସମର୍ଥନ କରାଯିବ ବୋଲି ଆଶା କରାଯାଉଛି । ଏଥିରେ ମନୋନୀତ ଜାତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଏନଆଇଟି), ବିଭିନ୍ନ ରାଜ୍ୟ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ, ପଲିଟେକ୍ନିକ୍ ଏବଂ ମାନ୍ୟତାପ୍ରାପ୍ତ ବୈଷୟିକ ବିଶ୍ୱବିଦ୍ୟାଳୟ (ଏଟିୟୁ) ଅନ୍ତର୍ଭୁକ୍ତ ହେବ । ଏହା ବ୍ୟତୀତ, ବୈଷୟିକ ଶିକ୍ଷା କ୍ଷେତ୍ର ପରିଚାଳନା କରୁଥିବା ରାଜ୍ୟ / କେନ୍ଦ୍ର ଶାସିତ ପ୍ରଦେଶ ବିଭାଗଗୁଡ଼ିକୁ ମଧ୍ୟ ଏମଇଆରଆଇଟିଇ ଯୋଜନା ମାଧ୍ୟମରେ ସହାୟତା ଦିଆଯିବ । ଦେଶର ପ୍ରାୟ ୭.୫ ଲକ୍ଷ ଛାତ୍ରଛାତ୍ରୀ ଏହି ଯୋଜନାରୁ ଉପକୃତ ହେବେ ।

ଏହି ଯୋଜନା ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ସରକାରୀ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ଏବଂ ପଲିଟେକ୍ନିକ୍ ରେ କାର୍ଯ୍ୟକାରୀ କରାଯିବ । ଏହି ହସ୍ତକ୍ଷେପଗୁଡ଼ିକ ଜାତୀୟ ଶିକ୍ଷା ନୀତି-୨୦୨୦ ସହ ସମନ୍ୱିତ । ଏହା ମାଧ୍ୟମରେ ଅଂଶଗ୍ରହଣକାରୀ ଶିକ୍ଷାନୁଷ୍ଠାନ ଗୁଡ଼ିକର ଗୁଣବତ୍ତା, ସମାନତା ଏବଂ ପ୍ରଶାସନିକ ଦକ୍ଷତାକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

# ୩ ତେଲ କମ୍ପାନୀକୁ ୩୦ ହଜାର କୋଟିର ସବ୍‌ସିଡି

**ନୂଆଦିଲ୍ଲୀ, ୮।୮:** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଘରୋଇ ଏଲପିଜି ବିକ୍ରୟରେ ହୋଇଥିବା କ୍ଷତି ପାଇଁ ତିନୋଟି ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀ (ଆଇଓସିଏଲ, ବିପିସିଏଲ ଏବଂ ଏଚପିସିଏଲ)କୁ ୩୦ ହଜାର କୋଟି ଟଙ୍କାର କ୍ଷତିପୂରଣ ମଞ୍ଜୁର କରିଛନ୍ତି । ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଏହି କ୍ଷତିପୂରଣ ଅର୍ଥରାଶିକୁ ତୈଳ ବିପଣନ କମ୍ପାନୀଗୁଡ଼ିକ ମଧ୍ୟରେ ବିତରଣ କରିବ । କ୍ଷତିପୂରଣ ବାରଟି ପର୍ଯ୍ୟାୟରେ ପ୍ରଦାନ କରାଯିବ ।

**ସ୍ଥିର ରହିବ ଏଲ୍‌ପିଜି ଦର**

ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀ ଆଇଓସିଏଲ, ବିପିସିଏଲ ଏବଂ ଏଚପିସିଏଲ ନିୟନ୍ତ୍ରିତ ମୂଲ୍ୟରେ ଉପଭୋକ୍ତାମାନଙ୍କୁ ଘରୋଇ ଏଲପିଜି ସିଲିଣ୍ଡର ଯୋଗାଇ ଦିଅନ୍ତି । ୨୦୨୪-୨୫ରେ ଏଲପିଜିର ଅନ୍ତର୍ଜାତୀୟ ମୂଲ୍ୟ ଉଚ୍ଚ ସ୍ତରରେ ରହିଥିଲା ଏବଂ ବର୍ତ୍ତମାନ ମଧ୍ୟ ଏହା ଉଚ୍ଚ ରହିଛି । ତଥାପି, ଅନ୍ତର୍ଜାତୀୟ ଏଲପିଜି ମୂଲ୍ୟରେ ଅସ୍ଥିରତାରୁ ଉପଭୋକ୍ତାମାନଙ୍କୁ ରକ୍ଷା କରିବା ପାଇଁ ମୂଲ୍ୟ ବୃଦ୍ଧିର ପ୍ରଭାବ ଘରୋଇ ଏଲପିଜିର ଉପଭୋକ୍ତାଙ୍କ ଉପରେ ପଡ଼ିବାକୁ ଦିଆଯାଇନଥିଲା । ଫଳରେ ତିନୋଟି ଓଏମସି ପାଇଁ ଯଥେଷ୍ଟ କ୍ଷତି ହୋଇଥିଲା ।

## ଗଣତନ୍ତ୍ରରେ ରାଜତନ୍ତ୍ରର ମାନସିକତା ବଡ ବିପଦଜନକ

ଏହା ଅନେକ ଦିନ ତଳର କଥା, କିନ୍ତୁ ଏହାର ଏବେ ବି ପ୍ରାସଙ୍ଗିକତା ରହିଛି। ୧୯୮୯ ବେଳର କଥା। ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂହ ସେତେବେଳେ ନିର୍ବାଚନ ଲଢୁଥିଲେ। ତାଙ୍କ ସମର୍ଥକମାନେ ସେହି ସମୟରେ 'ରାଜା ନହିଁ ଫକୀର୍ ହୈ, ଦେଶ କି ତକଦୀର୍ ହୈ' ସ୍ଲୋଗାନ ଦେଉଥିଲେ। ଏହି ସ୍ଲୋଗାନ ବହୁତ ଲୋକପ୍ରିୟ ହୋଇଥିଲା। ନିଶ୍ଚିତ ଭାବରେ ଭି.ପି. ସିଂହ ନିର୍ବାଚନରେ ଏଥିରୁ ଭୋଟ ଲାଭ ପାଇଥିବେ। ଯଦି ଏହି ଲାଭ ଗଣତାନ୍ତ୍ରିକ ଭାରତରେ ମିଳିନଥାଆନ୍ତା, ତେବେ ଏହା ଅସ୍ୱାଭାବିକ ହୋଇଥାଆନ୍ତା।

ଏବେ ପୁଣି ଏହି ରାଜା ରାଜୁଡା ମାନସିକତା ମୁଣ୍ଡ ଟେକିଛି। କଂଗ୍ରେସ ଦଳର ପ୍ରମୁଖ ନେତା ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗତ ଗୁରୁବାର ଦିନ ସାମ୍ବିଧାନିକ ଚ୍ୟାଲେଞ୍ଜ ପରିପ୍ରେକ୍ଷୀରେ ରାଜଧାନୀ ଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କହିଛନ୍ତି ଯେ ସେ ରାଜା ହେବାକୁ ଚାହାଁନ୍ତି ନାହିଁ, ସେ ରାଜତନ୍ତ୍ର ଅବଧାରଣାର ବିରୋଧୀ ।

ରାହୁଲ ଗାନ୍ଧି ଏ କଥା କହିବାର ଆବଶ୍ୟକତା ଏଥିଲାଗି ପଡିଲା ଯେ ବିଜ୍ଞାନ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯେତେବେଳେ ରାହୁଲ ଗାନ୍ଧୀ ଭାଷଣ ଦେବାକୁ ଠିଆ ହେଲେ, ତାଙ୍କର କିଛି ପ୍ରଶଂସକ 'ଦେଶ କା ରାଜା କୈସା ହୋ, ରାହୁଲ ଗାନ୍ଧୀ ଜୈସା ହୋ' ସ୍ଲୋଗାନ ଦେଇଥିଲେ। ରାହୁଲ ତୁରନ୍ତ ଏଥିରେ ବାଧା ଦେଇ କହିଥିଲେ ଯେ, 'ନାହିଁ, ବାସ୍, ମାଲିକ, ମୁଁ ରାଜା ନୁହେଁ, ମୁଁ ରାଜା ନୁହେଁ । ମୁଁ ରାଜା ହେବାକୁ ମଧ ଚାହେଁ ନାହିଁ।' ମୁଁ ରାଜାଙ୍କ ବିରୋଧରେ, ମୁଁ ଏହି ଅବଧାରଣାର ବିରୋଧୀ।

ରାହୁଲ ଗାନ୍ଧୀଙ୍କ ଏହି ବକ୍ତବ୍ୟରେ କେହି ଆଶ୍ଚର୍ଯ୍ୟ ହେବା ଉଚିତ୍ ନୁହେଁ। ରାଜାଙ୍କ ଏହି ସ୍ଲୋଗାନ ଶୁଣି ସେ ଯଦି ଚୁପ୍ ରହିଥାନ୍ତେ ତେବେ ଏହା ଆଶ୍ଚର୍ଯ୍ୟଜନକ ହୋଇଥାନ୍ତା। ଗଣତାନ୍ତ୍ରିକ ଭାରତରେ ଦେଶର ପ୍ରତ୍ୟେକ ନାଗରିକ ଜଣେ ଜଣେ ରାଜା। ତାଙ୍କ ଭୋଟ ମାଧ୍ୟମରେ ହିଁ ନେତା କ୍ଷମତାକୁ ଆସିଥାଆନ୍ତି ଏବଂ ସେ ସେତେଦିନ ଯାଏ କ୍ଷମତାସୀନ ରହିପାରିବେ, ଯେତେଦିନ ଯାଏ ଦେଶର ନାଗରିକ (ଭୋଟର) ଚାହିଁବେ ।


ଏହା ଅନେକ ଦିନ ତଳର କଥା, କିନ୍ତୁ ଏହାର ଏବେ ବି ପ୍ରାସଙ୍ଗିକତା ରହିଛି। ୧୯୮୯ ବେଳର କଥା।ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂହ ସେତେବେଳେ ନିର୍ବାଚନ ଲଢୁଥିଲେ। ତାଙ୍କ ସମର୍ଥକମାନେ ସେହି ସମୟରେ 'ରାଜା ନହିଁ ଫକୀର୍ ହୈ, ଦେଶ କି ତକଦୀର୍ ହୈ' ସ୍ଲୋଗାନ ଦେଉଥିଲେ। ଏହି ସ୍ଲୋଗାନ ବହୁତ ଲୋକପ୍ରିୟ ହୋଇଥିଲା। ନିଶ୍ଚିତ ଭାବରେ ଭି.ପି. ସିଂହ ନିର୍ବାଚନରେ ଏଥିରୁ ଭୋଟ ଲାଭ ପାଇଥିବେ। ଯଦି ଏହି ଲାଭ ଗଣତାନ୍ତ୍ରିକ ଭାରତରେ ମିଳିନଥାଆନ୍ତା, ତେବେ ଏହା ଅସ୍ୱାଭାବିକ ହୋଇଥାଆନ୍ତା।

ଏବେ ପୁଣି ଏହି ରାଜା ରାଜୁଡା ମାନସିକତା ମୁଣ୍ଡ ଟେକିଛି। କଂଗ୍ରେସ ଦଳର ପ୍ରମୁଖ ନେତା ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗତ ଗୁରୁବାର ଦିନ ସାମ୍ବିଧାନିକ ଚ୍ୟାଲେଞ୍ଜ ପରିପ୍ରେକ୍ଷୀରେ ରାଜଧାନୀ ଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କହିଛନ୍ତି ଯେ ସେ ରାଜା ହେବାକୁ ଚାହାଁନ୍ତି ନାହିଁ, ସେ ରାଜତନ୍ତ୍ର ଅବଧାରଣାର ବିରୋଧୀ ।

ରାହୁଲ ଗାନ୍ଧି ଏ କଥା କହିବାର ଆବଶ୍ୟକତା ଏଥିଲାଗି ପଡିଲା ଯେ ବିଜ୍ଞାନ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯେତେବେଳେ ରାହୁଲ ଗାନ୍ଧୀ ଭାଷଣ ଦେବାକୁ ଠିଆ ହେଲେ, ତାଙ୍କର କିଛି ପ୍ରଶଂସକ 'ଦେଶ କା ରାଜା କୈସା ହୋ, ରାହୁଲ ଗାନ୍ଧୀ ଜୈସା ହୋ' ସ୍ଲୋଗାନ ଦେଇଥିଲେ। ରାହୁଲ ତୁରନ୍ତ ଏଥିରେ ବାଧା ଦେଇ କହିଥିଲେ ଯେ, 'ନାହିଁ, ବାସ୍, ମାଲିକ, ମୁଁ ରାଜା ନୁହେଁ, ମୁଁ ରାଜା ନୁହେଁ । ମୁଁ ରାଜା ହେବାକୁ ମଧ ଚାହେଁ ନାହିଁ।' ମୁଁ ରାଜାଙ୍କ ବିରୋଧରେ, ମୁଁ ଏହି ଅବଧାରଣାର ବିରୋଧୀ।

ରାହୁଲ ଗାନ୍ଧୀଙ୍କ ଏହି ବକ୍ତବ୍ୟରେ କେହି ଆଶ୍ଚର୍ଯ୍ୟ ହେବା ଉଚିତ୍ ନୁହେଁ। ରାଜାଙ୍କ ଏହି ସ୍ଲୋଗାନ ଶୁଣି ସେ ଯଦି ଚୁପ୍ ରହିଥାନ୍ତେ ତେବେ ଏହା ଆଶ୍ଚର୍ଯ୍ୟଜନକ ହୋଇଥାନ୍ତା। ଗଣତାନ୍ତ୍ରିକ ଭାରତରେ ଦେଶର ପ୍ରତ୍ୟେକ ନାଗରିକ ଜଣେ ଜଣେ ରାଜା। ତାଙ୍କ ଭୋଟ ମାଧ୍ୟମରେ ହିଁ ନେତା କ୍ଷମତାକୁ ଆସିଥାଆନ୍ତି ଏବଂ ସେ ସେତେଦିନ ଯାଏ କ୍ଷମତାସୀନ ରହିପାରିବେ, ଯେତେଦିନ ଯାଏ ଦେଶର ନାଗରିକ (ଭୋଟର) ଚାହିଁବେ ।


କିନ୍ତୁ ଏହା ମଧ ଆମ ଦେଶର ଏକ ବାସ୍ତବତା ଯେ ଆମର ନିର୍ବାଚିତ ନେତାମାନେ ଏପର୍ଯ୍ୟନ୍ତ 'ରାଜା' ମାନସିକତାରୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇନାହାଁନ୍ତି। ହୁଏତ ଏହା ହିଁ କ୍ଷମତା ରାଜନୀତିର ଚରିତ୍ର। କ୍ଷମତା ପାଇବା ପରେ ନିଜକୁ ଅନ୍ୟମାନଙ୍କଠାରୁ ଭିନ୍ନ ଏବଂ ଭଲ ଭାବିବାର ମାନସିକତା ଅଗଣତାନ୍ତ୍ରିକ ହୋଇପାରେ, କିନ୍ତୁ ଆଜି ମଧ ଏହା ଲୋକଙ୍କ ମାନସିକତାରେ ଘର କରି ରହିଛି । ଲୋକପ୍ରିୟତା ଏବଂ କ୍ଷମତା ନିର୍ବାଚିତ ନେତାଙ୍କୁ ନମ୍ର କରିବା ଉଚିତ ଥିଲା, କିନ୍ତୁ ଦୁର୍ଭାଗ୍ୟବଶତଃ ଏହାର ବିପରୀତ ଘଟୁଛି।

ଯେତେବେଳେ ଜଣେ ନେତା ଭୋଟ ମାଗିବାକୁ ଆସନ୍ତି, ସେ ନିଜକୁ ବିନମ୍ର ବୋଲି ଅଭିନୟ କରନ୍ତି, କିନ୍ତୁ ଥରେ ସେ କ୍ଷମତା ପାଇଲେ, ତାଙ୍କଠାରୁ ସଙ୍କୋଚତା ଆଉ ନମ୍ରତା ଆଶା କରିବା ହେଉଛି ନିଜକୁ ପ୍ରତାରଣା କରିବା। ଯାହା କୁହାଯାଉ, କିନ୍ତୁ ବାସ୍ତବତା ହେଉଛି ଯେ ନିର୍ବାଚନ ଜିତିବା ମାତ୍ରେ ନେତାଙ୍କ ଉଚ୍ଚାରଣ, ଆଚରଣ ଆଉ ବିଚରଣର ତରିକା ବା ଷ୍ଟାଇଲ୍ ପୁରା ବଦଳିଯାଏ ।

କାଶ୍ମୀରରୁ କନ୍ୟାକୁମାରୀ ଏବଂ ଗୁଜରାଟରୁ ଆସାମ ପର୍ଯ୍ୟନ୍ତ ରାଜତନ୍ତ୍ରବାଦୀ ମାନସିକତା ଆମ ରାଜନୀତି ଉପରେ ଛାଇ ହୋଇରହିଛି । ତେଣୁ ଯେତେବେଳେ ରାହୁଲଙ୍କ ପରି କେହି ରାଜା ନ ହେବା ଏବଂ ରାଜତନ୍ତ୍ର ବିରୋଧୀ ହେବା କୁହନ୍ତି, ସେତେବେଳେ ତାଙ୍କୁ ବିଶ୍ୱାସ କରିବାକୁ ମନ କରିଥାଏ।ମନ ଆହୁରି ହୋଇଥାଏ ଯେ ଆମର ରାଜନେତାମାନଙ୍କ ଠାରେ ରାଜତନ୍ତ୍ରବାଦୀ ମାନସିକତା ରହିବା ଉଚିତ୍ ନୁହେଁ। କ୍ଷମତା କିଛି ନେତା କିମ୍ବା ପରିବାରର ନୁହେଁ। ଏହା ଦେଶର ଭୋଟରଙ୍କର। ଭୋଟ ଦେଇ ସେମାନେ ରାଜନେତାମାନଙ୍କୁ ସରକାର ଚଳାଇବାର ସୁଯୋଗ ଦେଇଛନ୍ତି। ଏହି ଭୋଟର ପବିତ୍ରତା ଏବଂ ଶକ୍ତି ଦାବି କରେ ଯେ ଆମର ନିର୍ବାଚିତ ପ୍ରତିନିଧିମାନେ ନିଜକୁ ଦେଶର ରାଜା ନୁହେଁ ବରଂ ଦେଶର ସେବକ ଭାବରେ ଭାବି ଦେଶକୁ ପରିଚାଳନା କରିବା ଉଚିତ। ଯେପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜକୁ ପ୍ରଧାନମନ୍ତ୍ରୀ ନୁହେଁ ବରଂ ଦେଶର ପ୍ରଧାନ ସେବକ ବୋଲି ଦର୍ଶାଇ ନିଜକୁ ରାଜତନ୍ତ୍ର ବିରୋଧୀ ପ୍ରମାଣିତ କରିଛନ୍ତି।

ନେତା ଶାସକ ଦଳର ହୁଅନ୍ତୁ କି ବିରୋଧୀ ଦଳର, ସାମଗ୍ରିକ ଭାବରେ ସେ ଦେଶର ଲୋକଙ୍କର ସେବକ, ରାଜା ନୁହଁନ୍ତି। ଗଣତନ୍ତ୍ରରେ ନିର୍ବାଚିତ ପ୍ରତିନିଧି ଶାସନ କରନ୍ତି ନାହିଁ, ବରଂ ସରକାର ଚଳାନ୍ତି। ରାଜତନ୍ତ୍ରରେ ଏହା ହେଉନଥିଲା। ସେତେବେଳେ ଭୋଟ ଦ୍ୱାରା ସିଂହାସନ ପ୍ରାପ୍ତ ହେଉନଥିଲା, ବରଂ ତଥାକଥିତ ଦୈବୀୟ ଅଧିକାର ଦ୍ୱାରା ମିଳୁଥିଲା। ସେତେବେଳେ ନାଗରିକ ରାଜାଙ୍କ ପ୍ରଜା ଥିଲେ। ଏହାର ବିପରୀତ ରେ ଗଣତନ୍ତ୍ରରେ ଜନତା ହେଉଛନ୍ତି ରାଜା।

# ରାକ୍ଷୀ ପୂର୍ଣ୍ଣିମା ଏକ ଅତୁଟ ବନ୍ଧନର ପର୍ବ


ପ୍ରଶାନ୍ତ କୁମାର ନାୟକ


ଓଡ଼ିଶାରେ ବାରମାସରେ ତେର ପର୍ବ ପାଳିତ ହୁଏ। ତନ୍ମଧ୍ୟରୁ ରାକ୍ଷୀ ପୂର୍ଣ୍ଣିମା ଅନ୍ୟତମ ଅଟେ। ଏହା ସମଗ୍ର ଭାରତ ବର୍ଷରେ ମଧ ପାଳନ କରାଯାଇଥାଏ। ଏହି ପର୍ବ ପର୍ବାଣୀଗୁଡ଼ିକ ଧର୍ମ ସମ୍ବନ୍ଧୀୟ କିମ୍ବଦନ୍ତୀ ମୂଳକ, ଜାତୀୟ ଚେତନାଧର୍ମୀ ଓ ଆଞ୍ଚଳିକ ଭାବାବେଗ ମୂଳକ ଅଟେ। ଭାଇ ଓ ଭଉଣୀର ସ୍ନେହ ଓ ଶ୍ରଦ୍ଧାର ଏକ ସୁନ୍ଦର ସେତୁ ହେଉଛି ଏହି ରାକ୍ଷୀ। ସଂକ୍ଷେପରେ ଏହାକୁ ରକ୍ଷା ସୂତ୍ର ବୋଲି ମଧ କୁହାଯାଏ। ରାକ୍ଷୀ ନାମକ ଏକ ଛୋଟ ଡୋରିରେ ରହିଥାଏ ଭଉଣୀର ଭାଇ ପ୍ରତି ସ୍ନେହ ଓ ସମ୍ମାନ। ପ୍ରତିମାସ ଶ୍ରାବଣ ପୂର୍ଣ୍ଣିମା ତିଥିରେ ଏହି ପର୍ବ ପାଳନ କରାଯାଉଥିବାରୁ ଏହାକୁ ଶ୍ରାବଣ ପୂର୍ଣ୍ଣିମା ମଧ କୁହାଯାଏ।

ପୌରାଣିକ କଥାବସ୍ତୁ ଆଧାରିତ ଏକ କିମ୍ବଦନ୍ତୀ ଅଛିଯେ, ଏକଦା ଦ୍ୱାରକାଧୀଶ ଭଗବାନ ଶ୍ରୀକୃଷ୍ଣଙ୍କର ଆଙ୍ଗୁଠିରେ ଏକ କ୍ଷତହୋଇ ରକ୍ତସ୍ରାବ ହେଉଥିବାର ଦେଖି ତତ୍କ୍ଷଣାତ୍ ଦ୍ରୌପଦୀ ନିଜେ ପିନ୍ଧିଥିବା ଶାଢ଼ୀରୁ କିଛି ଅଂଶ ଚିରିଦେଇ ଶ୍ରୀକୃଷ୍ଣଙ୍କର ସେହି କ୍ଷତ ସ୍ଥାନରେ ବାନ୍ଧି ଦେଇଥିଲେ। ଏଥିରେ ଅତ୍ୟନ୍ତ ଆନନ୍ଦିତ ହୋଇ ଭଗବାନ ଶ୍ରୀକୃଷ୍ଣ ଭବିଷ୍ୟତ ବିପଦରୁ ରକ୍ଷା କରିବାର ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ପରବର୍ତ୍ତୀ ସମୟରେ କୁରୁ ରାଜସଭାରେ ଏହାର ଫଳ ସ୍ୱରୂପ ପଶାଖେଳରେ ପରାଜିତ ପାଣ୍ଡବମାନଙ୍କର ପତ୍ନୀ ଦ୍ରୌପଦୀଙ୍କର ବସ୍ତ୍ରହରଣ ବେଳେ ପ୍ରଭୁ ଶ୍ରୀକୃଷ୍ଣ କୋଟିବସ୍ତ୍ର ପ୍ରଦାନକରି ତାଙ୍କର ମର୍ଯ୍ୟାଦା ରକ୍ଷା କରିବା ସହିତ ଲଜ୍ଜା ନିବାରଣ କରିଥିଲେ।

ରାକ୍ଷୀ ପୂର୍ଣ୍ଣିମା ହେଉଛି ଭାଇ ଓ ଭଉଣୀମାନଙ୍କର ଏକ ପବିତ୍ର ପର୍ବ। ଏହି ଅବସରରେ ଭଉଣୀ ନିଜ ଭାଇର ହାତରେ ରକ୍ଷାସୂତ୍ର ବା ରାକ୍ଷୀ ବାନ୍ଧିବା ପାଇଁ ପ୍ରାତଃ କାଳରେ ଶୁଦ୍ଧପୁତହୋଇ ରାକ୍ଷୀ, ସିନ୍ଦୁର, ଫୁଲ, ଚନ୍ଦନ, ଅରୁଆ ଚାଉଳ ଓ ଦ୍ୱୀପ ଇତ୍ୟାଦି ରଖି ଥାଳି ସଜାଡ଼ିଥାଏ। ଏହି ଅବସରରେ ଭଉଣୀ ନିଜ ଭାଇର କପାଳରେ ସିନ୍ଦୁର, ଚନ୍ଦନ ଓ ଅରୁଆ ଚାଉଳ ଲଗାଇ ହାତରେ ରାକ୍ଷୀ ବାନ୍ଧିଥାଏ ଏବଂ ତା'ର ଦୀର୍ଘାୟୁ ଏବଂ ଉଜ୍ଜଳ ଭବିଷ୍ୟତ କାମନା କରିଥାଏ। ଭାଇ ମଧ ଭଉଣୀକୁ ସ୍ନେହାଶୀର୍ବାଦ କରିବା ସହିତ ଉପହାର ଦେଇ ନିଜର କର୍ତ୍ତବ୍ୟ ପାଳନ କରେ। ଭଉଣୀର ବିପଦ ଆପଦରେ ଆଗରେ ଠିଆ ହେବାକୁ ଏବଂ ତା'ର ସମ୍ମାନ ରକ୍ଷା କରିବାକୁ ପ୍ରତିଶ୍ରୁତି ଦିଏ।



ରାକ୍ଷୀ ପୂର୍ଣ୍ଣିମା ପର୍ବ ଭାରତର ସଂସ୍କୃତି, ସଭ୍ୟତା ଏବଂ ପରମ୍ପରାର ଏକ ଅମୂଲ୍ୟ ପ୍ରତୀକ ଅଟେ। ଏହା ପରିବାର ମଧ୍ୟରେ ସମସ୍ତଙ୍କୁ ସ୍ନେହ ଓ ଭଲ ପାଇବାର ଡୋରିରେ ବାନ୍ଧି ରଖିବାର ପ୍ରୟାସ କରେ। ରାକ୍ଷୀକୁ ଶକ୍ତି, ବିଶ୍ୱାସ ଏବଂ ବିଜୟର ପ୍ରତୀକ ବୋଲି କୁହାଯାଏ। ହିନ୍ଦୁ ଧର୍ମର ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ରକ୍ଷାବନ୍ଧନ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଏହା ଭାଇ ଓ ଭଉଣୀମାନଙ୍କ ମଧ୍ୟରେ ସ୍ନେହ, ଶ୍ରଦ୍ଧା ଓ ସୁରକ୍ଷାର ଏକ ଅତୁଟ ବନ୍ଧନ ସୃଷ୍ଟି କରିଥାଏ।

ରାକ୍ଷୀ ପୂର୍ଣ୍ଣିମା ସାଧାରଣତଃ ଶ୍ରାବଣ ମାସରେ ପାଳନ କରାଯାଇଥାଏ। କିମ୍ବଦନ୍ତୀ ଅନୁସାରେ ଏହା ବଳରାମଙ୍କର ଜନ୍ମଦିନ ମଧ ଅଟେ। ଏହିଦିନ ଘରେ ଘରେ ପିଠାପଣା ଓ ବିଭିନ୍ନ ପ୍ରକାରର ମିଠା ପ୍ରସ୍ତୁତ ହୋଇଥାଏ। ଭଉଣୀମାନେ ଏହିଦିନ ଭାଇମାନଙ୍କର ଶୁଭକାମନା କରି ସେମାନଙ୍କ ହାତରେ ରାକ୍ଷୀ ବାନ୍ଧି ଥାଆନ୍ତି। ଭାଇମାନେ ମଧ ରାକ୍ଷୀର ପ୍ରତିଦାନ ସ୍ୱରୂପ ଭଉଣୀମାନଙ୍କର ସୁରକ୍ଷା ଦାୟିତ୍ୱ ନେଇଥାନ୍ତି। ହିନ୍ଦୁ ପରମ୍ପରା ଅନୁସାରେ ଏହି ଦିନ ପୁରପଲ୍ଲୀ ମାନଙ୍କର ବଳରାମଙ୍କର ପ୍ରତିନିଧି ସ୍ୱରୂପ ଗାଈ ଓ ବଳଦମାନଙ୍କୁ ମଧ ପୂଜା କରାଯାଇଥାଏ।

ରାକ୍ଷୀ ପୂର୍ଣ୍ଣିମା ହେଉଛି ଏକ ପ୍ରାଚୀନ ପରମ୍ପରା। ଏହି ପର୍ବଟି ଶ୍ରାବଣମାସ ପୂର୍ଣ୍ଣମୀ ତିଥି ବା ଗହ୍ମାପୂର୍ଣ୍ଣିମା ଅବସରରେ ଅତି ଆନନ୍ଦ ଓ ଉତ୍ସାହ ମଧ୍ୟରେ ପାଳନ କରାଯାଏ। ପ୍ରାଚୀନ କାଳରେ ଦେଶର ସୁରକ୍ଷା ଦାୟିତ୍ୱ କ୍ଷତ୍ରୀୟ ଓ ଖଣ୍ଡାୟତମାନଙ୍କ ହାତରେ ରହୁଥିଲା। ପୁରାଣ ଓ ଇତିହାସ ପୃଷ୍ଠାରୁ ପ୍ରମାଣ ମିଳେ ଯ, ଭଉଣୀ ଯମୁନା ଯମଙ୍କ ହାତରେ ରାକ୍ଷୀ ବାନ୍ଧି ଯମ ଯନ୍ତ୍ରଣାରୁ ମୁକ୍ତି ପାଇଥିଲେ। ମଣିଷ ଜୀବନ ନାନାଦି ଦୁଃଖ ଓ ଯନ୍ତ୍ରଣାରେ ଭରପୁର। ସେ ସବୁକୁ ସାମୟିକ ଭାବରେ ଭୁଲିଯିବା ପାଇଁ ଆମେ ବିଭିନ୍ନ ପ୍ରକାର ଉତ୍ସବ ପାଳନ କରିଥାଉ। ଏହି କ୍ରମରେ ରାକ୍ଷୀ ପୂର୍ଣ୍ଣିମା ଏକ ପବିତ୍ର ଉତ୍ସବ। ଏହି ଉତ୍ସବ ସ୍ନେହ, ପ୍ରେମ ଓ ପ୍ରତ୍ୟୟ ହୋଇଥାଏ। ଏହା ସମାଜ ମଧ୍ୟରେ ଏକତା ଓ ସହଯୋଗର ନିବିଡ଼ ବନ୍ଧନ ସୃଷ୍ଟି କରେ। କର୍ମ ମୁଖର ଜୀବନରେ ଏହା ଆନନ୍ଦ ଓ କର୍ମ ପ୍ରେରଣା ଦେଇଥାଏ।


ଓଡ଼ିଆ ଭାଷା ପ୍ରତିଷ୍ଠାନ

ମୋ : ନଂ :୮୨୪୯୬୫୦୪୧୪


# ଭଉଣୀର ରକ୍ଷାକବଚ: ରକ୍ଷାବନ୍ଧନ


ଶିବ ପ୍ରସାଦ ଧଳ


ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କର ମୂକସାକ୍ଷୀ ରାକ୍ଷୀ ବନ୍ଧନ ଉତ୍ସବ ବିଷୟରେ ହିନ୍ଦୁ ପୁରାଣରେ ଅନେକ ଗୁଡ଼ିଏ କାହାଣୀ ରହିଛି। ଏହି ଉତ୍ସବକୁ ହିନ୍ଦୁ ଧର୍ମରେ ଅତ୍ୟନ୍ତ ପବିତ୍ର ଉତ୍ସବ ଭାବେ ପାଳନ କରାଯାଇଥାଏ। ରାକ୍ଷୀ ପୂର୍ଣ୍ଣିମା ଗହ୍ମାପୂର୍ଣ୍ଣିମା ଭାବେ ମଧ ଜଣାଶୁଣା । ଏହିଦିନ ଭଉଣୀମାନେ ଭାଇଙ୍କୁ ବନ୍ଦାପନା କରି ସେମାନଙ୍କ ହସ୍ତରେ ସ୍ନେହର ରାକ୍ଷୀ ବାନ୍ଧନ୍ତି । ରାକ୍ଷୀ ସୁରକ୍ଷାର ପ୍ରତୀକ । ଭାଇମାନେ ସୁରକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ ଭଉଣୀମାନେ ଭାଇଙ୍କ ହାତରେ ରାକ୍ଷୀ ବାନ୍ଧିଥାନ୍ତି । ଗୃହସ୍ଥମାନେ ଗାଇ, ବଳଦ, ମଇଁଷି ପ୍ରଭୃତି ଗୃହପାଳିତ ପଶୁଙ୍କ ବେକରେ ବା ଶିଙ୍ଗରେ ରାକ୍ଷୀ ପିନ୍ଧାଇ ଦିଅନ୍ତି। ବଡ଼ଠାକୁର ବଳଭଦ୍ରଙ୍କ ଜନ୍ମଦିନ ଏହିଦିନ ହୋଇଥିବାରୁ ଶ୍ରୀମନ୍ଦିରରେ ଧୂମଧାମରେ ଏହି ପର୍ବ ପାଳନ ହୁଏ । ଭଉଣୀ ସୁଭଦ୍ରା ମଧ ଦୁଇ ଭାଇ ଜଗନ୍ନାଥ ଓ ବଳଭଦ୍ରଙ୍କ ହାତରେ ରାକ୍ଷୀ ବାନ୍ଧିବାର ପରମ୍ପରା ରହିଛି । ରାକ୍ଷୀ ପୂର୍ଣ୍ଣିମାକୁ ନେଇ ବିଭିନ୍ନ ପୌରାଣିକ ଓ ଐତିହାସିକ କିମ୍ବଦନ୍ତୀ ପ୍ରଚଳିତ ଅଛି।

ରକ୍ଷାବନ୍ଧନ ଭାଇଭଉଣୀଙ୍କ ପାଇଁ ଏକ ମୁଖ୍ୟ ପର୍ବ । ବିଶେଷକରି ଏହା ହିନ୍ଦୁଧର୍ମରେ ପ୍ରଚଳିତ ମାତ୍ର ଭାରତର ସମସ୍ତ ଧର୍ମର ଲୋକମାନେ ଏହାକୁ ପାଳନ କରିଥାନ୍ତି । ଭାଇଭଉଣୀର ପର୍ବ କୁହାଯାଉଥିବା ଏହି ଦିନଟିରେ ସମ୍ପୂର୍ଣ୍ଣ ଭାରତବର୍ଷରେ ଏକ ନିଆରା ଖୁସିର ଝଲକ ଦେଖିବାକୁ ମିଳେ । ଏମିତିରେ ଭାରତରେ ଭାଇଭଉଣୀଙ୍କ ମଧ୍ୟରେ ଥିବା ପ୍ରେମ ଓ କର୍ତ୍ତବ୍ୟର ଭୂମିକା କୌଣସି ଗୋଟିଏ ଦିନର ନୁହେଁ, ତଥାପି ରକ୍ଷାବନ୍ଧନର ଐତିହାସିକ ଓ ଧାର୍ମିକ ମହତ୍ୱ ପାଇଁ ଏହି ଦିନଟି ମହତ୍ୱପୂର୍ଣ୍ଣ ହୋଇପାରିଛି। ହିନ୍ଦୁ ଧର୍ମଶାସ୍ତ୍ରରେ ଶ୍ରାବଣ ମାସର ପୂର୍ଣ୍ଣିମାକୁ ରାକ୍ଷୀ ପୂର୍ଣ୍ଣିମା ଭାବେ ପାଳନ କରାଯାଏ । ଏହି ରାକ୍ଷୀ ଭାଇ ଭଉଣୀଙ୍କ ଭଲପାଇବାର ଏକ ପ୍ରତୀକ। ଏହିଦିନ ପ୍ରତ୍ୟେକ ଭଉଣୀ ଭାଇମାନଙ୍କୁ ରାକ୍ଷୀ ବାନ୍ଧି ନିଜ ସୁରକ୍ଷା ପାଇଁ ପ୍ରତିଜ୍ଞାବଦ୍ଧ କରାଇଥାନ୍ତି । ରକ୍ଷାବନ୍ଧନର ଇତିହାସ ହିନ୍ଦୁପୁରାଣରେ ବର୍ଣ୍ଣିତ ହୋଇଛି । ବାମନାବତାର ନାମକ ପୌରାଣିକ କଥାରେ ରକ୍ଷାବନ୍ଧନର ପ୍ରସଙ୍ଗ ବର୍ଣ୍ଣିତ ହୋଇଛି। କାହାଣୀ ଅନୁସାରେ; ରାଜା ବଳି ଏକ ବଡ଼ ଧରଣର ଯଜ୍ଞ ସମ୍ପନ୍ନ କରି ସ୍ୱର୍ଗ ଉପରେ ଅଧିକାର ଜମାଇବାକୁ ପ୍ରଯତ୍ନ ହେଉଥିଲେ । ଏହା ଜାଣିପାରି ଦେବରାଜ ଇନ୍ଦ୍ର ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ । ପ୍ରଭୁ ବାମନାବତାର ଗ୍ରହଣ କରି ବ୍ରାହ୍ମଣ ବେଶରେ ବଳି ରାଜାଙ୍କ ପାଖକୁ ଭିକ୍ଷା ମାଗିବାକୁ ଗଲେ । ବଳି ଭିକ୍ଷା ଦେବାକୁ ଉଦ୍ୟତ ହୁଅନ୍ତେ ତାଙ୍କ କୁଳଗୁରୁ ଏଥିରୁ ବିରତ ହେବାକୁ ଚେତାଇ ଦେଇଥିଲେ। କିନ୍ତୁ ବଳି କିଛି ନଶୁଣି ଭଗବାନଙ୍କୁ ତିନି ପାଦ ଭୂମି ଦାନ କଲେ। ଏହି ତିନିପାଦ ଭୂମିରେ ଭଗବାନ ଆକାଶ, ପାତାଳ ଓ ପୃଥିବୀକୁ ମାପିନେଇ ବଳିଙ୍କୁ ରସାତଳକୁ ଚାପିଦେଲେ । ଏହି ସମୟରେ ବଳିରାଜା ନିଜ ଭକ୍ତିବଳରେ ପ୍ରତ୍ୟେକ ସମୟରେ ଭଗବାନଙ୍କୁ ନିଜ ପାଖରେ ରହିବାକୁ ପ୍ରତିଜ୍ଞା କରାଇନେଲେ । ଲକ୍ଷ୍ମୀ ମା' ଏହାକୁ ନେଇ ଚିନ୍ତିତ ହେଲେ । ନାରଦଙ୍କ ପରାମର୍ଶ ନେଇ ସେ ବଳି ରାଜାଙ୍କୁ ରକ୍ଷାସୂତ୍ର ବାନ୍ଧି ଭାଇ କରିନେଲେ। ବଦଳରେ ବଳିରାଜା ବିଷ୍ଣୁ ଭଗବାନଙ୍କ ପ୍ରତିଜ୍ଞାକୁ ଖଣ୍ଡନ କଲେ । ତେବେ ଏହି ଉତ୍ସବକୁ ନେଇ ଆଉ ଏକ କାହାଣୀ ରହିଛି। ଦେବରାଜ ଇନ୍ଦ୍ରଙ୍କର ଦୁଷ୍ଟ ଦାନବଙ୍କ ସହ ଅନେକ ଦିନ ଧରି ଲଢ଼େଇ ଜାରି ରହିଥିଲା । ଲଢ଼େଇରେ ରାକ୍ଷସ ହାରିବାର ନା ନେଉନଥିଲେ। ଇନ୍ଦ୍ରଦେବ ଚିନ୍ତିତ ହୋଇ ପଡ଼ିଲେ। ଏହାଦେଖି ଇନ୍ଦ୍ରାଣୀ କହିଲେ, ସ୍ୱାମୀ ମୁଁ ଏଭଳି ଏକ ଉପାୟ କହୁଛି, ଯଦ୍ୱାରା ଆପଣ ଲଢ଼େଇରେ ବିଜୟୀ ହୋଇପାରିବେ। ଏହାପରେ ଇନ୍ଦ୍ରାଣୀ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରି ଇନ୍ଦ୍ରଙ୍କ ଡାହାଣ ହାତରେ ଏକ ଡୋରୀ ବାନ୍ଧିଦେଲେ । ଡୋରୀକୁ ଦେଖାଇ ଇନ୍ଦ୍ରାଣୀ କହିଲେ, ଏ ହେଉଛି ରକ୍ଷାସୂତ୍ର । ଏହା ଆପଣଙ୍କୁ ଯୁଦ୍ଧରେ ବିଜୟୀ କରିବା ସହ ଆପଣଙ୍କୁ ରକ୍ଷା କରିବ । ଇନ୍ଦ୍ର ଯେତେବେଳେ ଯୁଦ୍ଧକ୍ଷେତ୍ରକୁ ଗଲେ, ସେତେବେଳେ ଇନ୍ଦ୍ରାଣୀ ତାଙ୍କ ସହ ପାଦ ମିଶାଇ ଲଢ଼ିବାକୁ ଲାଗିଲେ।

**ମହାଭାରତରେ ରାକ୍ଷୀ :** ମହାଭାରତରେ ମଧ ରକ୍ଷାବନ୍ଧନ ପର୍ବର ଉଲ୍ଲେଖ ରହିଛି । ଯେତେବେଳେ ଯୁଧିଷ୍ଠିର ଭଗବାନ କୃଷ୍ଣଙ୍କୁ ପଚାରିଲେ ମୁଁ ସମସ୍ତ ସଙ୍କଟକୁ କିପରି ଦୂର କରିପାରିବି । ସେତେବେଳେ ଭଗବାନ କହିଥିଲେ, ତୁମେ ତୁମ ସେନାଙ୍କୁ ରାକ୍ଷୀପୂର୍ଣ୍ଣିମା ପାଳନ କରିବାକୁ ଅନୁମତି ଦିଅ । କେବଳ ସେତିକି ନୁହେଁ ଶିଶୁପାଳକୁ ବଧ କରିବା ସମୟରେ ସୁଦର୍ଶନ ଚକ୍ରରେ କୃଷ୍ଣଙ୍କ ତର୍ଜନୀ କ୍ଷତାକ୍ତ ହୋଇଥିଲା। ସେତେବେଳେ ଦ୍ରୌପଦୀ ରକ୍ତସ୍ରାବ ବନ୍ଦ କରିବାକୁ କୃଷ୍ଣଙ୍କ ହାତରେ ଶାଢ଼ି ଚିରି ଗୋଡ଼ାଇ ଦେଇଥିଲେ । ଏହାର ଫଳସ୍ୱରୂପ କୁରୁସଭାରେ ଦ୍ରୌପଦୀଙ୍କ ବସ୍ତ୍ରହରଣ ସମୟରେ ଭଗବାନ କୋଟିବସ୍ତ୍ର ପ୍ରଦାନ କରିଥିଲେ ।

**ଇତିହାସରେ ରାକ୍ଷୀପୂର୍ଣ୍ଣିମାର ମହତ୍ୱ :** ଅସଲରେ ରକ୍ଷା ବନ୍ଧନ ପରମ୍ପରା ସେଇମାନେ ଆରମ୍ଭ କରିଥିଲେ, ଯେଉଁମାନେ ପ୍ରକୃତ ଭାଇଭଉଣୀ ନଥିଲେ । ରକ୍ତ ସମ୍ପର୍କ ନଥାଇ ବି ସାମାନ୍ୟ ରେଶମ ଡୋରି ସେମାନଙ୍କୁ ଭାଇଭଉଣୀର ଅତୁଟ ସମ୍ପର୍କରେ ବାନ୍ଧି ପାରିଥିଲା। ଇତିହାସ ପୃଷ୍ଠା ଲେଉଟାଇଲେ ଜଣାପଡ଼େ, ରକ୍ଷାବନ୍ଧନର ଉତ୍ପତି ପ୍ରାୟ ୬ ହଜାର ବର୍ଷ ପୁରୁଣା । ତେବେ ଏହାର କୌଣସି ସଠିକ ସମୟ ଇତିହାସରେ ଲିପିବଦ୍ଧ ନାହିଁ । ସର୍ବପ୍ରଥମେ ସାକ୍ଷ୍ୟରାଣୀ କର୍ଣ୍ଣାବତୀ ଓ ସମ୍ରାଟ ହୁମାୟୁଁ ରକ୍ଷାବନ୍ଧନ ଆରମ୍ଭ କରିଥିଲେ। ମଧ୍ୟକାଳୀନ ଯୁଗରେ ରାଜପୁତ ଓ ମୁସଲିମ୍ଙ୍କ ମଧ୍ୟରେ ଘମାଘୋଟ ସଂଘର୍ଷ ଚାଲିଥିଲା । ରାଣୀ କର୍ଣ୍ଣାବତୀ ଚିତୌଡ଼ ରାଜାଙ୍କ ବିଧବା ପତ୍ନୀ ଥିଲେ। ସେତେବେଳେ ଗୁଜୁରାଟର ସୁଲତାନ ବାହାଦୂରଶାହାଙ୍କଠୁ ନିଜ ରାଜ୍ୟ ଓ ପ୍ରଜାଙ୍କ ସୁରକ୍ଷା ପାଇଁ ରାଣୀ ହୁମାୟୁଁଙ୍କୁ ରାକ୍ଷୀ ପଠାଇଥିଲେ। ସେତେବେଳେ ହୁମାୟୁଁଙ୍କୁ କର୍ଣ୍ଣାବତୀଙ୍କ ରାକ୍ଷୀର ସମ୍ମାନ ରକ୍ଷାକରି ତାଙ୍କ ରାଜ୍ୟର ରକ୍ଷା କରିଥିଲେ। ଦ୍ୱିତୀୟ ସୂତ୍ରଧର ଥିଲେ ଆଲେକ୍ଜାଣ୍ଡର ଓ ପୁରୁ । ସର୍ବଦା ବିଜୟ ପତାକା ଉଡାଉଥିବା ଆଲେକ୍ଜାଣ୍ଡର ଭାରତୀୟ ରାଜା ପୁରୁଙ୍କ ପ୍ରଖରତା ସାମ୍ନାରେ ବିଚଳିତ ହୋଇପଡ଼ିଥିଲେ। ଏହାକୁ ନେଇ ଆଲେକ୍ଜାଣ୍ଡରଙ୍କ ପତ୍ନୀ ଚିନ୍ତିତ ହେଲେ। ସେ ରକ୍ଷାବନ୍ଧନ ସମ୍ପର୍କରେ ଶୁଣିଥିଲେ। ତେଣୁ ପୁରୁଙ୍କ ପାଖକୁ ରାକ୍ଷୀ ପଠାଇଲେ। ରାକ୍ଷୀକୁ ସମ୍ମାନ ଦେଇ ପୁରୁ ଆଲେକ୍ଜାଣ୍ଡରଙ୍କ ପତ୍ନୀଙ୍କୁ ଭଉଣୀର ମର୍ଯ୍ୟାଦା ଦେଲେ। ଏଥିସହ ଯୁଦ୍ଧର ପରିସମାପ୍ତି ଘଟିଲା। ପୁରୁ ଆଲେକ୍ଜାଣ୍ଡରଙ୍କୁ ଜୀବନଦାନ ଦେଲେ।

ଶ୍ରୀମନ୍ଦିରରେ ଝୁଲଣଯାତ୍ରା ଶ୍ରାବଣ ଦଶମୀଠାରୁ ଭାଦ୍ରବ ପ୍ରତିପଦ ପର୍ଯ୍ୟନ୍ତ ପାଳନ କରାଯାଇଥାଏ। ଶ୍ରୀକୃଷ୍ଣଙ୍କର ଶ୍ରୀରାଧା ଓ ଗୋପୀମାନଙ୍କ ସହିତ ବିଳାସମୟ ଦୋଳିଖେଳ। ବୃନ୍ଦାବନରେ ଭଗବାନ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କର ସେବା ସମସ୍ତ ଦେବତାଗଣ, ମନୁଷ୍ୟ ଓ ଗୋପୀମାନେ ପାଇବା ଦେଖି ଗନ୍ଧର୍ବମାନେ ମଧ କିଛି ସେବା ପାଇଁ ପ୍ରାର୍ଥନା କଲେ । ସେ ଅନୁସାରେ ଏକ ସୁନ୍ଦର ଝିଲିମିଲି ଜରିରେ ତିଆରି ଗୋଟିଏ କୁଞ୍ଜରେ ରାଧା ଓ କୃଷ୍ଣଙ୍କୁ ଦୋଳିରେ ବସାଇ ଝୁଲାଇବାର ସେବା ସେମାନଙ୍କୁ ମିଳିଲା। ଗଜପତି ମହାରାଜା ଦିବ୍ୟସିଂହ ଦେବ (ଦ୍ୱିତୀୟ)ଙ୍କ ସମୟରେ ଏହା ଶ୍ରୀମନ୍ଦିରରେ ପ୍ରଥମେ ପାଳନ କରାଯାଇଥିଲା। ଶ୍ରୀମନ୍ଦିରରେ ଗୌଡ଼ୀୟମାନଙ୍କ ପ୍ରଭାବ ସମ୍ପର୍କରେ ଏହି ଯାତ୍ରା ସୂଚନା ଦେଉଛି। ଗୌଡ଼ୀୟ ସମ୍ପ୍ରଦାୟର ରାଧାକୃଷ୍ଣ ହେଉଛନ୍ତି ଉପାସ୍ୟ। ସେଥିପାଇଁ ଶ୍ରୀକୃଷ୍ଣ ଗୋପରେ ଥିବା ବେଳେ କରିଥିବା ରାସକୁ ସେମାନେ ଶ୍ରୀମନ୍ଦିରରେ ପ୍ରଚଳନ କରିଛନ୍ତି। ଶ୍ରୀମନ୍ଦିର ଭିତର ବେଢ଼ାର ଦକ୍ଷିଣ ପଟେ ମୁକ୍ତ ମଣ୍ଡପ ନିକଟରେ ଝୁଲଣ କୁଞ୍ଜ ନିର୍ମିତ ହୋଇଥାଏ। ଏହି ଝୁଲା ସହ ଗୋଟିଏ ଦଉଡି ଲାଗିଥାଏ, ଯାହାକୁ ଟାଣିଲେ ଝୁଲା ସହ ପ୍ରତିମା ତ୍ରୟ ଝୁଲନ୍ତି। ମଧ୍ୟାହ୍ନ ଧୂପ ନୀତି ପରେ ଶ୍ରୀମନ୍ଦିର ଦକ୍ଷିଣ ଘର ବାରଣ୍ଡାରେ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ବେଶ କରାଯାଇ ଭୋଗ ଅର୍ପଣ ହୁଏ । ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଦିଆଯିବା ପରେ ତିନିଜଣ ମହାଜନ ସେବକ ପ୍ରତିମାମାନଙ୍କୁ ଜଗମୋହନ ଓ ବଟଦ୍ୱାର ଦେଇ ଝୁଲଣ କୁଞ୍ଜର ଭିତର ଝୁଲାରେ ବିଜେ କରାନ୍ତି । ଝୁଲଣରେ ପଞ୍ଚୋପଚାର ପୂଜା ଖଇକୋରୀ ଭୋଗ କରାଯିବା ପରେ ରତ୍ନ ସିଂହାସନସ୍ଥ ବିଗ୍ରହମାନଙ୍କର ଚନ୍ଦନ ଲାଗି ସମୟ ଯାଏ । ପ୍ରତିମାମାନେ ଏହି ଝୁଲଣରେ ଅବସ୍ଥାନ କରନ୍ତି। ତାହାପରେ ପିତୁଳଗୁଡ଼ିକ ଫେରାଇ ନିଆଯାଏ। ଏକାଦଶୀ ଦିନ ମଦନମୋହନଙ୍କ ବେଢ଼ା ପରିକ୍ରମା ସ୍ୱାଭାବିକ ଭାବରେ ଅନୁଷ୍ଠିତ ହେଇ, ପରେ ଶ୍ରୀଦେବୀ ଓ ଭୂଦେବୀଙ୍କ ସହ ଝୁଲଣ ମଣ୍ଡପକୁ ବିଜେ କରାଯାଏ । ଶେଷ ଦିନ ଘଂଟ, ଶଙ୍ଖ ସହ ପଞ୍ଚୋପଚାର ପୂଜା ଓ ବନ୍ଦାପନା କରାଯିବା ପରେ ବେଢ଼ା ବୁଲି ସିଂହାସନରେ ବିଜେ ହୁଅନ୍ତି । ସଙ୍ଗୀତ, ବାଦ୍ୟ ଓ ନୃତ୍ୟ ମୁଖର ଝୁଲଣ ଯାତ୍ରାରେ ସୁସଜ୍ଜିତ ଦୋଳିରେ ରାଧା ଦାମୋଦରଙ୍କୁ ଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ଭକ୍ତମାନେ ପୁରୀରେ ଭିଡ଼ ଜମାନ୍ତି । କୀ□ନ, ଭଜନରେ ମନ୍ଦିର ଉଲ୍ଲସିତ ହୋଇଉଠେ। ଏହା ଶ୍ରୀମନ୍ଦିର ସହ ପ୍ରାୟ ସମସ୍ତ ରାଧାକୃଷ୍ଣ ମନ୍ଦିରରେ ଅଧିକାଂଶ ମଠରେ ପାଳନ କରାଯାଇଥାଏ।

ଏହି ପର୍ବ ଓଡ଼ିଶା ତଥା ଭାରତର ପ୍ରତ୍ୟେକ କୋଣ ଅନୁକୋଣରେ ବେଶ୍ ପ୍ରସିଦ୍ଧି ଲାଭ କରିଛି । ଏହି ପର୍ବ ବିଦେଶରେ ରହୁଥିବା ଓଡ଼ିଆ ତଥା ଭାରତୀୟମାନେ ମଧ ପାଳନ କରିଥାନ୍ତି । ରକ୍ଷାବନ୍ଧନ ହେଉଛି ଭଉଣୀର ରକ୍ଷାକବଚ ।


ଅଲରା, ନରସିଂହପୁର, କଟକ

ଦୂରଭାଷ : ୯୯୩୭୭୮୨୦୭୯


# ଭଗବାନ ଶ୍ରୀକୃଷ୍ଣ ମନେ ପଡ଼ନ୍ତି


ଡକ୍ଟର ଲକ୍ଷ୍ମଣ ସାହୁ


ଶ୍ରୀକୃଷ୍ଣ ହେଉଛନ୍ତି ସାକ୍ଷାତ ପରମାତ୍ମା ଓ ପରମ ପୁରୁଷୋତ୍ତମ ଭଗବାନ । ଦୁନିଆର ସକଳ ପ୍ରକାର ପଦାର୍ଥର ବୀଜ ତାଙ୍କଠାରେ ନିହିତ ଅଛି । ସେ ନିତ୍ୟ ଓ ଜଗତର ସୃଷ୍ଟିକର୍ତ୍ତା । ଶାସ୍ତ୍ରରେ ତାଙ୍କୁ ପ୍ରକୃତରେ ସାକ୍ଷାତ ସାକାର ଈଶ୍ୱର ବା ଭଗବାନ କୁହାଯାଏ । କୁରୁକ୍ଷେତ୍ରରେ ସେ ମୋହଗ୍ରସ୍ତ ହୋଇଥିବା ଅର୍ଜୁନଙ୍କୁ ଗୀତାଙ୍କ ଜ୍ଞାନ ଦେଇଥିଲେ । କର୍ମର ମହାନ ମନ୍ତ୍ର ପ୍ରଦାନ କରିଛନ୍ତି, ଯାହା ମାନବଜାତି ପାଇଁ ଏକ ମାର୍ଗଦର୍ଶିକା ଅଟେ । ସେ ଗୀତାରେ ନଶ୍ୱର ଏ ଭୌତିକ ପାର୍ଥିବ ଶରୀର ଓ ନିତ୍ୟ ଅନନ୍ତ ମୌଳିକ ଆତ୍ମା ମଧ୍ୟରେ ପାର୍ଥକ୍ୟ ବ୍ୟାଖ୍ୟା କରିଛନ୍ତି । କୁହାଯାଏ ଆତ୍ମା ଅକ୍ଷୟ , ଅଜୟ, ଅମର, ଅଜର ଅଟେ । ଯେପରି ଜଣେ ବ୍ୟକ୍ତି ପୁରୁଣା ପୋଷାକ ଛାଡି ନୂତନ ପୋଷାକ ଗ୍ରହଣ କରେ, ସେହିଭଳି ଆତ୍ମା ପୁରୁଣା ଶରୀର ଛାଡି ଏକ ନୂତନ ଶରୀରରେ ପ୍ରବେଶ କରେ ।

ତେଣୁ ଜଣେ ବ୍ୟକ୍ତି ଏହାର ପରିଣାମ ବିଷୟରେ ଚିନ୍ତା ନକରି ନିଜର କର୍ତ୍ତବ୍ୟ ପାଳନ କରିବା ଉଚିତ୍ । ସଫଳତା ଓ ବିଫଳତା ପ୍ରତି ସମାନ ସମ୍ମାନ ସହିତ କାର୍ଯ୍ୟ କରିବାକୁ ନିରାଶାର ଘୂର୍ଣ୍ଣିବାତ୍ୟାରେ ଫସି ରହିଥିବା ବିଶ୍ୱକୁ ଶ୍ରୀକୃଷ୍ଣ ପ୍ରେରଣା ଦେଇଛନ୍ତି । ସେ ଏହାକୁ କର୍ମ ଯୋଗ ବୋଲି କହିଛନ୍ତି । ଶ୍ରୀକୃଷ୍ଣଙ୍କ ଶିକ୍ଷା ହେଉଛି ଗୀତା ର ଅମୃତବାଣୀ । ସାଂସାରିକ ସାଗର ଅତିକ୍ରମ କରିବାର ଏହା ହେଉଛି ମହୋଷଧି । ଗୀତାଙ୍କ ଶିକ୍ଷା ଦ୍ୱାରା ହିଁ ଅର୍ଜୁନଙ୍କ ସଂକଳ୍ପ ଜାଗ୍ରତ ହୋଇଥିଲା ଓ କୁରୁକ୍ଷେତ୍ରରେ ଠିଆ ହୋଇଥିବା ତାଙ୍କ ଭାଇ ଓ ସମ୍ପର୍କୀୟ ଆତ୍ମୀୟ ସ୍ୱଜନଙ୍କ ପ୍ରତି ଥିବା ମୋହଗ୍ରସ୍ତ ସମ୍ପର୍କ ହଟାଯାଇଥିଲା । ସେତେବେଳେ ସେ କେବଳ ଅଧାର୍ମିକ ଓ ଦୁର୍ବଳ ହୃଦୟ କୌରବଙ୍କୁ ପରାସ୍ତ କରିବାରେ ସଫଳ ହୋଇଥିଲେ ।

କୌରବଙ୍କ ପରାଜୟ କେବଳ ପାଣ୍ଡବଙ୍କ ବିଜୟ ନୁହେଁ ବରଂ ଏହା ଅଧର୍ମ ଉପରେ ଧର୍ମ, ଅନ୍ୟାୟ ଉପରେ ନ୍ୟାୟ ଓ ଅସତ୍ୟ ଉପରେ ସତ୍ୟର ପ୍ରତିଷ୍ଠାତା ଘଟିଥିଲା । ଶ୍ରୀକୃଷ୍ଣ ଗୀତାରେ ଧର୍ମ-ଅନ୍ୟାୟ, ପାପ-ଗୁଣ ଓ ନ୍ୟାୟ-ଅନ୍ୟାୟକୁ ସ୍ୱଷ୍ଟ ଭାବରେ ବ୍ୟାଖ୍ୟା କରିଛନ୍ତି । ସେ ଧୃତରାଷ୍ଟ୍ରର ପୁତ୍ରମାନଙ୍କୁ ଅଧାର୍ମିକ, ପାପୀ ଓ ଅନ୍ୟାୟ ଓ ପାଣ୍ଡବଙ୍କ ପୁତ୍ରମାନଙ୍କୁ ଗୁଣାତ୍ମକ ପୁଣ୍ୟାତ୍ମା ବୋଲି କହିଛନ୍ତି । ବିଶ୍ୱ ପାଇଁ କ'ଣ ଗ୍ରହଣୀୟ ଓ କ'ଣ ଗ୍ରହଣୀୟ ନୁହେଁ ସେସବୁ ମଧ ସେ ଉତ୍ତମ ଭାବରେ ବ୍ୟାଖ୍ୟା କରିଛନ୍ତି । ଶ୍ରୀକୃଷ୍ଣଙ୍କ ଶିକ୍ଷା ହେଉଛି ଜ୍ଞାନ, ଭକ୍ତି ଓ କର୍ମର ଏକ ମହାସାଗର । ଏହା ଭାରତୀୟ ଚିନ୍ତନର ଚିନ୍ତାଧାରା ଓ ଧର୍ମର ମୂଳ ବିଷୟ । ଏହା ସମଗ୍ର ବିଶ୍ୱର ମାନବଜାତିର କଲ୍ୟାଣ ପାଇଁ ମାର୍ଗ ପଥ ପ୍ରଦର୍ଶକ ଅଟେ ।

ବିଶ୍ୱର ସର୍ବଶ୍ରେଷ୍ଠ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ ମଧ କହିଛନ୍ତି ଯେ ଶ୍ରୀକୃଷ୍ଣଙ୍କ ଶିକ୍ଷା ଅନନ୍ୟ ଅଟେ । ଏହାକୁ ପଢିବା ପରେ ମୁଁ ଜାଣିଲି ଏହି ଜଗତ କିପରି ସୃଷ୍ଟି ହେଲା । ମହାନ ବ୍ୟକ୍ତି ମହାତ୍ମା ଗାନ୍ଧୀ କହିଛନ୍ତି ଯେ ଯେତେବେଳେ ବି ମୁଁ ଅସୁବିଧାର ସମ୍ମୁଖୀନ ହୁଏ, ମୁଁ ଗୀତା ପୃଷ୍ଠାକୁ ଯାଏ । ମହାନ ଦାର୍ଶନିକ ଶ୍ରୀ ଅରବିନ୍ଦ କହିଛନ୍ତି ଯେ ଭଗବଦ୍ ଗୀତା ଶାସ୍ତ୍ର କିମ୍ବା ପୁସ୍ତକ ନୁହେଁ ବରଂ ଜୀବନଶୈଳୀ, ଯାହାର ପ୍ରତ୍ୟେକ ବୟସ୍କଙ୍କ ନିମନ୍ତେ ଭିନ୍ନ ଭିନ୍ନ ବାର୍ତ୍ତା ଭରି ରହିଛି ।

ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଦେଇଥିବା ଉପଦେଶ ମାନବ ଇତିହାସର ସର୍ବଶ୍ରେଷ୍ଠ ସାମାଜିକ, ଧାର୍ମିକ, ଦାର୍ଶନିକ ଓ ରାଜନୈତିକ କଥାବାର୍ତ୍ତା । ଦୁନିଆର ସମସ୍ତ ଉତ୍ତମତା ଏଥିରେ ଅଛି । ଶ୍ରୀକୃଷ୍ଣଙ୍କ ଶିକ୍ଷା ଜଗତର କଲ୍ୟାଣ ପାଇଁ ଏକ ଉତ୍ତମ ମାର୍ଗ ଅଟେ । ଶ୍ରୀ କୃଷ୍ଣ କୁରୁକ୍ଷେତ୍ରରେ ଠିଆ ହୋଇଥିବା ଅର୍ଜୁନ ରୂପରେ ଜୀବକୁ ଧର୍ମ, ସମାଜ, ରାଷ୍ଟ୍ର, ରାଜନୀତି ଓ କୂଟନୈତିକ ଶିକ୍ଷା ଦେଇଛନ୍ତି । ଶାସକଙ୍କ ଆଚରଣ ଓ ତାଙ୍କ ବିଷୟ ପ୍ରତି କାର୍ଯ୍ୟକଳାପ ବିଷୟରେ ଜ୍ଞାନ ପ୍ରକାଶ ପାଇଛି । ଶ୍ରୀକୃଷ୍ଣଙ୍କ ଶିକ୍ଷା ଜଗତ ପାଇଁ ଖୁବ୍ ଉପଦେୟ ସମୟହୀନ ଓ ଲାଭଦାୟକ ଅଟେ। ଯୁଦ୍ଧ ଓ ବିନାଶର ପଥରେ ଠିଆ ହୋଇଥିବା ଜଗତକୁ ବଞ୍ଚାଇବା ପାଇଁ ଏହା ହେଉଛି ଶକ୍ତି କବଚ । ଗୁଣାତ୍ମକ ବୁଦ୍ଧି ସହିତ ଅତ୍ୟାଚାର କିପରି ପରାଜିତ ହୋଇପାରିବ ଏହାର ଏକ ପ୍ରତ୍ୟକ୍ଷ ପ୍ରମାଣ ।

ମହାଭାରତରୁ ଏହା ସ୍ପଷ୍ଟ ଯେ ଶ୍ରୀକୃଷ୍ଣ ଅର୍ଜୁନଙ୍କ ରଥରେ ସାରଥୀ ହୋଇ ନ୍ୟାୟିକ ଓ ସତ୍ୟ ଧର୍ମର ପକ୍ଷ ନେଇଥିଲେ । ଅନ୍ୟାୟକୁ ପ୍ରତିରୋଧ



କରିଥିଲେ । ଶ୍ରୀକୃଷ୍ଣଙ୍କର ସମଗ୍ର ଜୀବନ ହେଉଛି ଅତ୍ୟାଚାର ଓ ଅହଂକାର ବିରୁଦ୍ଧରେ ଏକ ମାନବିକ ଓ ଦିବ୍ୟ ଐଶ୍ୱରୀକ ସଂଗ୍ରାମ । ପ୍ରକୃତରେ କୃଷ୍ଣ ଯୁଦ୍ଧ ସପକ୍ଷରେ ନଥିଲେ । ସେ ପରିସ୍ଥିତି ଅନୁଯାୟୀ ନିଷ୍ପତ୍ତି ନେବାକୁ ବାଧ ହୋଇଥିଲେ । କ୍ଷମା ଭଲ, ଯୁଦ୍ଧରେ ସାଧାରଣ ଲୋକଙ୍କ ମୃତ୍ୟୁ ତାଙ୍କୁ ସୂଚେଇ ଦେଇଥିଲା । କେତେ ମା'ଙ୍କ କୋଳ ଖାଲି ରହିବ, ନାରୀଙ୍କର ସିନ୍ଦୁର ପୋଛି ଦିଆଯିବ । ଆନ୍ତରିକତା ଏହି ପରିସ୍ଥିତିର ସାମ୍ନା କରିବାକୁ ପଡିବ ନାହିଁ, ପ୍ରୟାସରେ କୌଣସି ଦୋଷ ନଥିଲା । ତଥାପି ଯୁଦ୍ଧ ପରି କ୍ରୁର ଶତ୍ରୁଙ୍କୁ କଠୋର ଦଣ୍ଡ ଦେବାପାଇଁ କଠୋର ନିଷ୍ପତ୍ତି ନେବାକୁ ପଡିଲା । ଏହି ଅସମ୍ଭବ ଯୁଦ୍ଧକୁ ଦୂରେଇ ଦେବା ପାଇଁ ସେ ଦୂତ ଭୂମିକା ନିର୍ବାହ କରିଥିଲେ ମଧ କୌରବଙ୍କୁ ଏହି ଯୁଦ୍ଧରୁ ଅଟକାଇ ପାରିନଥିଲେ ।

ବାଲ୍ୟକାଳରୁ ଶ୍ରୀକୃଷ୍ଣ ଅଲୌକିକ ଥିଲେ । ତାଙ୍କ ଅଲୌକିକତା ଜଗତର କଲ୍ୟାଣ ଭାବନାରେ ଅଭିପ୍ରେତ ଥିଲା । ବେଳେବେଳେ ସେ ତାଙ୍କ ବଂଶୀର ମଧୁର ଧ୍ୱନିରେ ସମସ୍ତଙ୍କୁ ଆଧ୍ୟାତ୍ମିକ ସୁଖ ପ୍ରଦାନ କରୁଥିବା ଦେଖିବାକୁ ମିଳିଥିଲା । ବେଳେବେଳେ କଂସର ଅତ୍ୟାଚାର ଯୋଗୁଁ ସେ ଗୋକୁଳ ଗୋପବାସୀଙ୍କୁ ସୁରକ୍ଷା କରୁଥିବାର ଦେଖାଯାଇଥିଲା । ବେଳେବେଳେ ସେ ଏକ ଆଙ୍ଗୁଠିରେ ଗୋବର୍ଦ୍ଧନ ପର୍ବତ ଟେକି ଧରି ଇନ୍ଦ୍ରଙ୍କ ଦର୍ପ ଗର୍ବ ଖଣ୍ଡନ କରିଥାନ୍ତି ।

ପୁଣି କେତେବେଳେ ସେ ତାଙ୍କର ସମସ୍ତ ଶକ୍ତି, ବୈଭବ, ଧନ, ଐଶ୍ୱର୍ଯ୍ୟ ପ୍ରିୟ ବନ୍ଧୁ ସୁଦାମାଙ୍କୁ ସମର୍ପଣ କରୁଥିବା ଦେଖାଯାଇଥିଲା। କେତେବେଳେ ସମାଜକୁ ସୁରକ୍ଷା ଦେବା ପାଇଁ ସେ କାଳିୟ ନାଗକୁ ଦମନ କରୁଥିବା ଦେଖିବାକୁ ମିଳିଥିଲା ଓ ବେଳେବେଳେ ସେ କଂସ, ଜରାସନ୍ଧ ଓ ଶିଶୁପାଳ ଭଳି ଅହଂକାରୀ ଶାସକମାନଙ୍କୁ ବିନାଶ କରୁଥିବା ଦେଖାଯାଇଥିଲା । ବେଳେବେଳେ ସେ ସାଥି ଗୋପ ବାଳକମାନଙ୍କ ସହିତ ଖେଳକୁଦ କରୁଥିବା ଦେଖାଯାଉଥିଲା । ପୁନଶ୍ଚ ବେଳେବେଳେ ଗୋପୀମାନଙ୍କ ସହିତ ପ୍ରେମରେ ବଂଶୀବାଦନକରି ରାସଲୀଳାରେ ତ୍ରିଭଙ୍ଗୀ ଠାଣିରେ ନୃତ୍ୟ କରୁଥିବା ଦେଖିବାକୁ ମିଳିଥିଲା । ଏହା ଶ୍ରୀକୃଷ୍ଣଙ୍କ ଜୀବନ ବଳିଦାନ, ପ୍ରେମ ଓ ଉତ୍ସର୍ଗର ଏକ ଆଦର୍ଶ ଉଦାହରଣ । ଅତ୍ୟାଚାର ଓ ଅହଂକାର ବିରୋଧରେ ଜନସଚେତନତା ଅଛି । ତାଙ୍କର ଗୀତା କର୍ମ, ସୃଜନ ଓ ସଂକଳ୍ପର ଏକ ଆଦର୍ଶମୟ ସଂଦର୍ଭର ପ୍ରସଙ୍ଗ ଅଟେ ।

କୌରବଙ୍କ ସମାବେଶରେ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କ ଲଜ୍ୟାରୁ ରକ୍ଷା କରିଥିଲେ । ଶ୍ରୀକୃଷ୍ଣ ବିଶ୍ୱକୁ ଏକ ବାର୍ତ୍ତା ଦେଇଛନ୍ତି ଯେ ଦୁର୍ଯ୍ୟୋଧନ, କର୍ଣ୍ଣ, ବିକର୍ଣ୍ଣ, ଜୟଦ୍ରଥ, କୃତବର୍ମା, ଶଲ୍ୟ, ଅଶ୍ୱଥାମା ଭଳି ଅହଂକାରୀ ତଥା ଅତ୍ୟାଚାରୀ ପ୍ରାଣୀ ଦେଶ-ରାଜ୍ୟ ପାଇଁ ଶୁଭ ନୁହଁନ୍ତି । ଏହିପରି ଅହଂକାରୀ ଶାସକମାନେ କ୍ଷମତା ଏବଂ ଧନ ପାଇଁ ଲୋଭୀ ଅଟନ୍ତି । ଧୃତରାଷ୍ଟ୍ର କେବଳ ଜନ୍ମରୁ ଅନ୍ଧ ନୁହଁନ୍ତି ବରଂ ସେ ଆଧ୍ୟାତ୍ମିକ ଏବଂ ନୈତିକ ଦୃଷ୍ଟିରୁ ମଧ ଅନ୍ଧ ଥିଲେ । କ୍ଷମତା ରାଜଶକ୍ତି ରାଜସିଂହାସନ ପ୍ରତି ତାଙ୍କର ଲୋଭ ଓ ତାଙ୍କ ପୁଅମାନଙ୍କ ପ୍ରତି ଅତିଶୟ ଆସକ୍ତି ଫଳରେ ହସ୍ତିନାପୁର ଧ୍ୱଂସ ହୋଇଯାଇଥିଲା । ସ୍ୱାର୍ଥପର ଧୃତରାଷ୍ଟ୍ର ଓ ତାଙ୍କର ଅହଂକାରୀ ପୁତ୍ରମାନଙ୍କଠାରେ ଏହି ସମସ୍ତ ବିଲକ୍ଷଣ ଅବଗୁଣ ବିଦ୍ୟମାନ ଥିଲା । ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି ଯେ ଯେଉଁମାନେ ବିଷ ଦେଉଛନ୍ତି, ଘରେ ନିଆଁ ଲଗାଇ ଦେଇଛନ୍ତି, ମାରାତ୍ମକ ଅସ୍ତ୍ରରେ ଆକ୍ରମଣ କରୁଛନ୍ତି, ଟଙ୍କା ଲୁଟିଛନ୍ତି, ଅନ୍ୟମାନଙ୍କ ଜମି ଅକ୍ତିଆର କରିଛନ୍ତି ଓ ପର ପତ୍ନୀକୁ ଅପହରଣ କରୁଛନ୍ତି ସେପରି ରାଜାକୁ ଅଧର୍ମୀ, ଅତ୍ୟାଚାରୀ ରାଜା ବୋଲି କୁହାଯାଇଥାଏ ।

ଧୃତରାଷ୍ଟ୍ରର ପୁଅମାନେ ସେପରି ଥିଲେ । କ୍ଷମତାରେ ରହିବାକୁ ସେମାନେ ସବୁବେଳେ ପଣ୍ଡୁଙ୍କ ପୁଅମାନଙ୍କ ବିରୁଦ୍ଧରେ ଷଡଯନ୍ତ୍ର କରିଥିଲେ । ସେମାନଙ୍କୁ ଅନେକ ଥର ହତ୍ୟା କରିବାକୁ ଚେଷ୍ଟା କରାଯାଇଥିଲା । ଶ୍ରୀକୃଷ୍ଣ ସେହି ଧୃତରାଷ୍ଟ୍ର କୌରବ ପାପାତ୍ମା ଓ ନରାଧମମାନଙ୍କୁ ହତ୍ୟା ଯୋଗ୍ୟ ବୋଲି କହିଛନ୍ତି । ଏହା ବ୍ୟତୀତ ପ୍ରଜାବତ୍ସଳ ଗଣତାନ୍ତ୍ରିକ ଶାସକ ବାଛିବା ପାଇଁ ସମାଜକୁ ମଧ ବାର୍ତ୍ତା ଦିଆଯାଇଛି । ଆସୁରିକ ପ୍ରବୃତ୍ତିର ଶାସକମାନେ ଯେଉଁମାନେ ଅହଂକାରୀ, ଲୋଭୀ, ବିଳାସ ବ୍ୟସନ ଭୋଗୀ ଓ ଧନ ସଂଚୟ ସଂଗ୍ରହରେ ବ୍ୟସ୍ତ, ସେମାନେ ଦେଶ ପାଇଁ କ୍ଷତିକାରକ ଅଶୁଭ ବୋଲି ବିବେଚନା କରାଯାଏ । କୁହାଯାଇଛି ଯେ ଏପରି ଶାସକମାନେ ପ୍ରଜାବତ୍ସଳ ନୁହଁନ୍ତି କେବଳ ପ୍ରଜାହନ୍ତା । ବାସ୍ତବରେ ମାନବ ଜାତିର ଉନ୍ନତିକଳ୍ପେ ଭଗବାନ ଶ୍ରୀକୃଷ୍ଣ ଭିନ୍ନ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହେଇ ଲୀଳା କରିଥିଲେ ।

ସଂପ୍ରତି ଯୁଦ୍ଧ ଓ ବିନାଶ ପଥରେ ଠିଆ ହୋଇଥିବା ଆଧୁନିକ ଜଗତ କେବଳ ଥରେ ଶ୍ରୀକୃଷ୍ଣଙ୍କ ଶିକ୍ଷା ଅନୁସରଣ କରି ପାରିଲେ ସମାଜ ତଥା ଜାତିର ଅଖଣ୍ଡତା ବଜାୟ ରଖିପାରିବା.... !!!


ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪,

ଦୂରଭାଷ : ୯୦୪୦ ୧୫୧୪ ୭୫

## ହ୍ୟାଲୋ ବଲିଉଡ୍



### ବିଜୟ ଦେବେରାକୋଣ୍ଡାଙ୍କ ଫିଲ୍ମ 'କିଙ୍ଗଡମ' ନେଇ ବିବାଦ

ବିଜୟ ଦେବେରାକୋଣ୍ଡାଙ୍କ ନୂଆ ଫିଲ୍ମ 'କିଙ୍ଗଡମ' ତାମିଲନାଡୁରେ ବିବାଦରେ ଘେରି ରହିଛି। ଏହି ଫିଲ୍ମକୁ ଶ୍ରୀଲଙ୍କାର ତାମିଲ ସମୁଦାୟଙ୍କୁ ନକାରାତ୍ମକ ଭାବେ ଚିତ୍ରଣ କରିବା ଏବଂ ଧାର୍ମିକ ଭାବନାକୁ ଆଘାତ ଦେବାର ଅଭିଯୋଗରେ ତାମିଲ ଜାତୀୟତାବାଦୀ ଦଳ ତାମିଲର କାଚି (ଏନଟିକେ) ପ୍ରତିବାଦ କରୁଛି। ଏହି ବିବାଦ ମଧ୍ୟରେ ମାଦ୍ରାସ ହାଇକୋର୍ଟ ପୋଲିସ ଏବଂ ପ୍ରତିବାଦକାରୀଙ୍କଠାରୁ ଜବାବ ମାଗିଛି। ଏହା ସହିତ, ଫିଲ୍ମର ନିର୍ମାତା ସିତାରା ଏଣ୍ଟରଟେନମେଣ୍ଟସ୍ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏକ କ୍ଷମାପ୍ରାର୍ଥନା ଚିଠିକୁ ନକଲି ବୋଲି ଘୋଷଣା କରିଛନ୍ତି। ଗୌତମ ତିନ୍ନାନୁରୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମ ଜୁଲାଇ ୩୧ ତାରିଖରେ ତେଲୁଗୁ, ତାମିଲ ଏବଂ ହିନ୍ଦୀରେ ମୁକ୍ତିଲାଭ କରିଥିଲା। ଏଥିରେ ବିଜୟ ଦେବେରାକୋଣ୍ଡାଙ୍କ ସହ ସତ୍ୟଦେବ, ଭାଗ୍ୟଶ୍ରୀ ବୋର୍ସେ ଏବଂ ଭେଙ୍କିଟେଶ ମୁଖ୍ୟ ଭୂମିକାରେ ଅଛନ୍ତି। ଫିଲ୍ମଟି ୧୯୯୦ ଦଶକର ଶ୍ରୀଲଙ୍କା ଉପରେ ଆଧାରିତ। ଯେଉଁଥିରେ ବିଜୟ ଜଣେ ଗୁପ୍ତଚର ପୋଲିସ ଅଧିକାରୀ ଭାବେ ନିଜ ଭାଇ (ସତ୍ୟଦେବ)କୁ ଖୋଜିବା ପାଇଁ ମିଶନରେ ଅଛନ୍ତି। ଏନଟିକେ ଦାବି କରିଛି ଯେ ଫିଲ୍ମଟି ଶ୍ରୀଲଙ୍କାର ତାମିଲ ସମୁଦାୟଙ୍କୁ ଖଳନାୟକ ଭାବେ ଦେଖାଇଛି ଏବଂ ଖଳନାୟକ ଚରିତ୍ରର ନାମ 'ମୁରୁଗନ' ରହିଛି। ଯାହା ତାମିଲନାଡୁରେ ଅତି ପୂଜ୍ୟ ଦେବତା ଭଗବାନ ମୁରୁଗନଙ୍କ ନାମ ସହ ସମାନ, ତାହା ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇଛି।

## ରାହୁଲଙ୍କ ଭୋଟ ଚୋରି ଅଭିଯୋଗକୁ ଥରୁରଙ୍କ ସମର୍ଥନ



**ନୂଆଦିଲ୍ଲୀ:** କେନ୍ଦ୍ର ସରକାରଙ୍କ ସହିତ ସ୍ୱର ମିଳାଇ ନିଜ ଦଳରୁ ସମାଲୋଚିତ ହୋଇଥିବା ଶଶି ଥରୁର ଏବେ ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧୀଙ୍କୁ ସମର୍ଥନ ଦେଇଛନ୍ତି। ୨୦୨୪ ଲୋକସଭା ନିର୍ବାଚନରେ ଇଲେକ୍ସନ କମିଶନ ବିଜେପି ସହ ମିଶି ବଡ଼ ଧରଣର ଭୋଟ ଚୋରି କରିଥିବା ରାହୁଲ ଗାନ୍ଧୀଙ୍କର ଅଭିଯୋଗକୁ ଚିନ୍ତାଜନକ ବୋଲି କହିଛନ୍ତି ଥରୁର।

**କହିଲେ, ଅଭିଯୋଗ ଗମ୍ଭୀର, ତୁରନ୍ତ ସମାଧାନ ଆବଶ୍ୟକ**

ଇଲେକ୍ସନ କମିଶନ ୨୦୨୪ରେ ବିଜେପିକୁ ବିଜୟୀ କରାଇବା ପାଇଁ ଦଳ ସହ ମିଶି ଭୋଟ ରିଗିଂ କରିଛି ବୋଲି ରାହୁଲ ଅଭିଯୋଗ କରିଥିଲେ। ଏନେଇ ତାଙ୍କ ପାଖରେ ଠୋସ୍ ପ୍ରମାଣ ରହିଛି ବୋଲି ରାହୁଲ କହିବା ପରେ ଏ ନେଇ ଦେଶର ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ରାହୁଲଙ୍କର ଅଭିଯୋଗକୁ ନେଇ ଥରୁର ଚିନ୍ତା ବ୍ୟକ୍ତ କରିଛନ୍ତି।

ଏନେଇ ଥରୁର ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି "ଏଗୁଡ଼ିକ ଗମ୍ଭୀର ପ୍ରଶ୍ନ, ସମସ୍ତ ଦଳ ଏବଂ ସମସ୍ତ ଭୋଟରଙ୍କ ସ୍ୱାର୍ଥ ପାଇଁ ଗମ୍ଭୀରତାର ସହିତ ସମାଧାନ କରାଯିବା ଆବଶ୍ୟକ। ଆମର ଗଣତନ୍ତ୍ର ଖୁବ୍ ମୂଲ୍ୟବାନ, ଏହାର ଅପାରଗତା, ଅସାବଧାନତା କିମ୍ବା ତା'ଠାରୁ ଖରାପ, ଜାଣିଶୁଣି ହେରଫେର କରିବାକୁ ଦେଇ ଏହାର ବିଶ୍ୱସନୀୟତାକୁ ନଷ୍ଟ କରାଯାଇ ପାରିବ ନାହିଁ।" ତେଣୁ ଇଲେକ୍ସନ କମିଶନ ଏହା ଦିଗରେ ବିହୀତ ପଦକ୍ଷେପ ନେଇ ବିବାଦର ସମାଧାନ କରିବା ଉଚିତ୍ ବୋଲି ଥରୁର ଅଭିଯୋଗ କରିଛନ୍ତି।

ଗତ ୬ ମାସ ଧରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସା କରିବା, ଇନ୍ଦିରାଙ୍କ ଏମାର୍ଜେନ୍ସିକୁ ସମାଲୋଚନା କରିବା ଓ କେନ୍ଦ୍ର ସରକାରଙ୍କ କେତେକ ପଦକ୍ଷେପକୁ ପ୍ରଶଂସା କରିବା ସହ ତାଙ୍କର ସ୍ପଷ୍ଟବାଦୀ କଥା ଯୋଗୁ କଂଗ୍ରେସର କ୍ରୋଧର ଶିକାର ହୋଇଥିଲେ। ଦଳ ତାଙ୍କ ପ୍ରତି କୋଠର ହୋଇଥିଲା। ହେଲେ ଏବେ ଥରୁରଙ୍କର ନୂଆ ବୟାନରୁ ତାଙ୍କ ସ୍ୱର ବଦଳିବା ପରି ମନେ ହେଉଛି।

ଭୋଟ ଚୋରି ହୋଇଥିବା ନେଇ ଗତକାଲି ଅଭିଯୋଗ କରିଥିଲେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ୨୦୨୪ ନିର୍ବାଚନ ପରଠାରୁ ବଡ଼ ଧରଣର ଭୋଟ ଚୋରି ହୋଇଛି, ଏବଂ ନିର୍ବାଚନ ପ୍ରକ୍ରିୟାକୁ ଏକ ଡ୍ରାମା ଥିଲା ବୋଲି ରାହୁଲ ଅଭିଯୋଗ କରିଛନ୍ତି। ସେ ଦାବି କରିଛନ୍ତି ଯେ ନିର୍ବାଚନ କମିଶନ ବିଜେପି ସହିତ ମିଶି ଫଳାଫଳକୁ ପ୍ରଭାବିତ କରିଛନ୍ତି।

କର୍ଣ୍ଣାଟକର ମହାଦେବପୁରା ବିଧାନସଭା ଆସନରେ ଏହି ଘୋଟାଲ ହୋଇଥିଲା ବୋଲି ରାହୁଲଙ୍କ ଅଭିଯୋଗ କରିଛନ୍ତି। ରାହୁଲଙ୍କ ଅନୁସାରେ, ବିଜେପି ୧,୧୪,୦୪୬ ଭୋଟର ବୃଦ୍ଧି ପାଇଛି, ଯାହା ଫଳରେ କଂଗ୍ରେସ ଅଧିକାଂଶ କ୍ଷେତ୍ରରେ ଆଗୁଆ ଥିଲେ ମଧ୍ୟ ବେଙ୍ଗାଲୁରୁ କେନ୍ଦ୍ରୀୟ ଲୋକସଭା ଆସନରୁ ବିଜେପିଠାରୁ ୩୨,୭୦୭ ଭୋଟରେ ହାରିଥିଲା। ଭୋଟ ଘୋଟାଲା ଯୋଗୁ ଏପରି ହୋଇଥିଲା ବୋଲି ରାହୁଲ ଅଭିଯୋଗ କରିଛନ୍ତି। ଏବଂ ଏନେଇ ତାଙ୍କ ପାଖରେ ଠୋସ୍ ପ୍ରମାଣ ରହିଛି ବୋଲି ସେ ଅଭିଯୋଗ କରିଛନ୍ତି।

### ହିମାଚଳ ପ୍ରଦେଶରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

## ଖାଇକୁ ଖସିଲା କାର୍, ୬ ଜଣ ମୃତ

**ନୂଆଦିଲ୍ଲୀ:** ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଖାଇକୁ ଖସିଲା କାର୍। ଫଳରେ ୬ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୨ଜଣ ପୁରୁଷ, ୨ଜଣ ମହିଳା ଓ ୨ଜଣ ଶିଶୁ ଥିବା ଜଣାପଡ଼ିଛି। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ମୃତଦେହକୁ ଉଦ୍ଧାର କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

**ମୃତକଙ୍କ ମଧ୍ୟରେ ୨ ଶିଶୁ ଓ ୨ ମହିଳା**

ସୂଚନା ମୁତାବକ, ଚମ୍ବା ଜିଲ୍ଲାର ତିସାର ଚନବାସ ଅଞ୍ଚଳ ଦେଇ କାର ଯୋଗେ ୬ଜଣ ଯାଉଥିଲେ। ସେହି ସମୟରେ କାରଟି ନିୟନ୍ତ୍ରଣ ହରାଇ ୫୦୦ ମିଟରର ଗଭୀର ଖାଇକୁ ଖସିପଡ଼ିଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ପୁଲିସକୁ ଖବର ଦେଇଥିଲେ। ସୂଚନା ମିଳିବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। କିନ୍ତୁ ସମସ୍ତ ଲୋକଙ୍କ ମୃତ୍ୟୁ ହୋଇସାରିଥିଲା। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ସେପଟେ ପୁଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣାର କାରଣ ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ପ୍ରଶାସନ ମୃତକଙ୍କ ପରିବାରକୁ ସମସ୍ତ ପ୍ରକାରର ସାହାଯ୍ୟ ପ୍ରତିଶ୍ରୁତି ଦେଇଛି। ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିନାହିଁ। ପ୍ରାରମ୍ଭିକ ସୂଚନାରୁ ଜଣାପଡିଛି ଯେ କାରରେ ଥିବା ଲୋକମାନେ ଗୋଟିଏ ପରିବାରର ଥିଲେ। ଏନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ଏହି ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ସେ ଫେସବୁକରେ ପୋଷ୍ଟ କରି ଲେଖିଛନ୍ତି ଯେ, ଚମ୍ବା ଜିଲ୍ଲାର ଟିସାର ଚାନୱାସରେ ଏକ କାର ଦୁର୍ଘଟଣାରେ ଛଅ ଜଣଙ୍କର ମୃତ୍ୟୁ ଅତ୍ୟନ୍ତ ଦୁଃଖଦ। ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା। ଈଶ୍ୱର ମୃତକଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ ଏବଂ ପରିବାରକୁ ଏହି ଦୁଃଖ ସହ୍ୟ କରିବାକୁ ଶକ୍ତି ଦିଅନ୍ତୁ।



## ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବାମପନ୍ଥୀଙ୍କ ବିକ୍ଷୋଭ

**ପୁରୀ:** ରାଜ୍ୟରେ ବଢ଼ି ଚାଲିଥିବା ନାରୀ ନିର୍ଯ୍ୟାତନା, ବଳଙ୍ଗା ପୀଡିତାଙ୍କ ପରିବାରକୁ ଏକ କୋଟି କ୍ଷତିପୂରଣ, ପୋଲିସ ତଦନ୍ତ ସନ୍ଦେହଜନକ ଥିବାରୁ ନ୍ୟାୟିକ ତଦନ୍ତ, ଉପମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ସିପିଆଇ ଓ ସିପିଏମ ପକ୍ଷରୁ ଅଗଷ୍ଟ ସାତ ତାରିଖରେ ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଥିଲା। ସିପିଆଇ ର ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ବ୍ରଜବନ୍ଧୁ ପ୍ରଧାନ, ପ୍ରଦୀପ୍ତ କୁମାର ମହାନ୍ତି, ହରିହର ସେନାପତି, ଡାକ୍ତର ପ୍ରଫୁଲ୍ଲ ମହାପାତ୍ର, ଗୋପାଳ ପ୍ରଧାନ, ସିପିଏମ ର ଜିଲ୍ଲାସମ୍ପାଦକ ଜଗନ୍ନାଥ ଦେଓ, ସୁରେନ୍ଦ୍ର ଜେନା, ଶରତ ରାୟଗୁରୁ, ଶ୍ରୀକାନ୍ତ ପରିଜା, ବନବାସୀ ମହାପାତ୍ର ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ଅଜଗର ସାପ ଉଦ୍ଧାର

**ମାଲକାନଗିରି:** ମାଲକାନଗିରି ବନାଂଚଳ ଅଧିନସ୍ଥ ଏମଭି-୧୧ ଗ୍ରାମରୁ ବନ କର୍ମଚାରୀ ଏବଂ ସାପ ଉଦ୍ଧାରକାରୀ ଦଳଙ୍କ ଉଦ୍ୟମରେ ଏକ ଅଜଗର ସାପ ଉଦ୍ଧାର କରାଯାଇଛି। ଗତକାଲି ସନ୍ଧ୍ୟାରେ ମାଲକାନଗିରି ଅଂଚଳରେ ବର୍ଷା ଲାଗି ରହିଥିବା ବେଳେ ଏମଭି-୧୧ ଗ୍ରାମର ଜଣେ କୁକୁଡ଼ା ପାଳନ କରୁଥିବା ବ୍ୟକ୍ତି ଘରେ ଅଜଗର ସାପଟି କୁକୁଡ଼ା ଖାଇବା ଉଦ୍ଦେଶ୍ୟରେ ପ୍ରବେଶ କରିଥିଲା। ଏହି ଅଜଗର ସାପକୁ ଉଦ୍ଧାର କରିବା ପାଇଁ ମାଲକାନଗିରି ବନାଂଚଳ ଅଧିକାରୀ ରମେଶ ଚନ୍ଦ୍ର ରାଉତଙ୍କୁ ଫୋନ୍ ମାଧ୍ୟମରେ ଜଣାଇବା ପରେ ବନପାଳ ମନତୋଷ ଦେଙ୍କ ନେତୃତ୍ୱରେ ଏମଭି-୧୧ ଗ୍ରାମକୁ ଯାଇ ଅଜଗର ସାପକୁ ଗତକାଲି ରାତି ୮ଟା ସମୟରେ ସାପଧରାଳୀ

### ଆତଙ୍କୀ ଆକ୍ରମଣ ନେଇ ମିଳିଲା ଗୁଇନ୍ଦା ସୂଚନା

## ହାଇଆଲର୍ଟରେ ଦିଲ୍ଲୀ ବିମାନବନ୍ଦର



**ନୂଆଦିଲ୍ଲୀ:** ସ୍ୱାଧୀନତା ଦିବସ (୧୫ ଅଗଷ୍ଟ) ପୂର୍ବରୁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତୀୟ ବିମାନବନ୍ଦର ସମେତ ଦେଶର ସମସ୍ତ ବିମାନବନ୍ଦରକୁ ଉଚ୍ଚ ସ୍ତରୀୟ ସୁରକ୍ଷା ସତର୍କତାରେ ରଖାଯାଇଛି। ବ୍ୟୁରୋ ଅଫ୍ ସିଭିଲ୍ ଏଭିଏସନ୍ ସିକ୍ୟୁରିଟିର ତିନୋଟି ସୁରକ୍ଷା ପରାମର୍ଶ ଆଧାରରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଯାହା କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥାଙ୍କଠାରୁ ମିଳିଥିବା ଆକ୍ରମଣ ଜନିତ ସୂଚନାକୁ ଦୃଷ୍ଟିରେ ରଖି ନିଆଯାଇଛି।

କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥାଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ଆସନ୍ତା ସେପ୍ଟେମ୍ବର ୨୨ ରୁ ଅକ୍ଟୋବର ୨ ତାରିଖ ମଧ୍ୟରେ ଆତଙ୍କୀ ଆକ୍ରମଣର ସମ୍ଭାବ୍ୟ ବିପଦ ଥିବାରୁ ଦେଶର ସମସ୍ତ ବିମାନବନ୍ଦର, ଏୟାରଷ୍ଟ୍ରିପ, ହେଲିପ୍ୟାଡ ଏବଂ ଅନ୍ୟାନ୍ୟ ବିମାନ ଚଳାଚଳ ସଂସ୍ଥାନମାନଙ୍କରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଦିଲ୍ଲୀ ବିମାନବନ୍ଦରରେ ଅତିରିକ୍ତ ସୁରକ୍ଷା କର୍ମୀ ନିୟୋଜିତ କରାଯାଇଛି ଏବଂ ଯାତ୍ରୀଙ୍କ ତଲାସୀ ପ୍ରକ୍ରିୟାକୁ ଆହୁରି କଡ଼ା କରାଯାଇଛି।

ବିମାନବନ୍ଦର କର୍ତ୍ତୃପକ୍ଷ ଯାତ୍ରୀମାନଙ୍କୁ ନିର୍ଦ୍ଧାରିତ ସମୟରୁ ଅତିକମରେ ତିନି ଘଣ୍ଟା ପୂର୍ବରୁ ବିମାନବନ୍ଦରରେ ପହଞ୍ଚିବାକୁ ପରାମର୍ଶ ଦେଇଛନ୍ତି। ଏହା ସୁରକ୍ଷା ଯାଂଚ ଏବଂ ବୋର୍ଡିଂ ପ୍ରକ୍ରିୟାକୁ ସୁଗମ କରିବାରେ ସହାୟକ ହେବ। ଏହା ସହିତ, ବିମାନବନ୍ଦରରେ ଦର୍ଶନାର୍ଥୀଙ୍କ ପ୍ରବେଶ ଉପରେ ମଧ୍ୟ କଟକଣା ଲଗାଯାଇଛି।

ଦେଶର ଅନ୍ୟାନ୍ୟ ପ୍ରମୁଖ ବିମାନବନ୍ଦର ଯଥା କୋଲକାତା, ମୁମ୍ବାଇ, ବେଙ୍ଗାଲୁରୁ ଆଦିରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରାଯାଇଛି। କୋଲକାତା ବିମାନବନ୍ଦରରେ ଅତିରିକ୍ତ ସୁରକ୍ଷା ସ୍ତର ଯୋଡ଼ାଯାଇଛି, ଯେଉଁଥିରେ ପ୍ରବେଶ ଏବଂ ବୋର୍ଡିଂ ଗେଟ୍ ପୂର୍ବରୁ ଦ୍ୱିତୀୟ ସ୍ତରୀୟ ଯାଂଚ ଅନ୍ତର୍ଭୁକ୍ତ କରାଯାଇଛି।

ଏହି ସୁରକ୍ଷା ସତର୍କତା ପହଲଗାମ ଆତଙ୍କୀ ଆକ୍ରମଣର ଚାରି ମାସ ପରେ ଜାରି କରାଯାଇଛି, ଯେଉଁଥିରେ ୨୬ ଜଣ ନାଗରିକ ନିହତ ହୋଇଥିଲେ।

## କେନିଆରେ ଏୟାର ଆମ୍ବୁଲାନ୍ସ ଦୁର୍ଘଟଣା, ଚାଲିଗଲା ୬ ଜୀବନ

**ନୂଆଦିଲ୍ଲୀ:** କେନିଆର ରାଜଧାନୀ ନେରୋବୀରେ ଭୟଙ୍କର ବିମାନ ଦୁର୍ଘଟଣା। ଏଥିରେ ୬ ଜଣଙ୍କ ଜୀବନ ଚାଲିଯାଇଛି। ମୃତକଙ୍କ ମଧ୍ୟରେ ୨ ଜଣ ଡାକ୍ତର, ୨ ଜଣ ନର୍ସ, ୨ ସାଧାରଣ ଲୋକ ରହିଛନ୍ତି। କେନିଆର ସିଭିଲି ଏଭିଏସନ ଅଥରିଟି ଦୁର୍ଘଟଣା ବିଷୟରେ ସୂଚନା ଦେଇଛି। ଏୟାର ଆମ୍ବୁଲାନ୍ସ ଏକ ସ୍କୁଲ ଉପରେ ବିମାନଟି ଦୁର୍ଘଟଣା ହୋଇଥିଲା। ଦୁର୍ଘଟଣାରେ କିଛି ଘର ଧ୍ୱଂସ ହୋଇଥିବା ବେଳେ କିଛି ଲୋକ ଆହତ ହୋଇଛନ୍ତି। ଦୁର୍ଘଟଣା ହୋଇ ପଡିବା ପରେ ଏୟାର ଆମ୍ବୁଲାନ୍ସରେ ନିଆଁ ଲାଗିଯାଇଥିଲା। ବିମାନ ପଡିଥିବା ସ୍କୁଲ ମଧ୍ୟ ସଂପୂର୍ଣ୍ଣ ଧ୍ୱଂସ ହୋଇଥିଲା।

ଖବର ମୁତାବକ, କେନିଆର ଏୟାର ଆମ୍ବୁଲାନ୍ସ ଏକ ସ୍କୁଲ ଉପରେ ବିମାନଟି ଦୁର୍ଘଟଣା ହୋଇଥିଲା। ଦୁର୍ଘଟଣାରେ କିଛି ଘର ଧ୍ୱଂସ ହୋଇଥିବା ବେଳେ କିଛି ଲୋକ ଆହତ ହୋଇଛନ୍ତି। ଦୁର୍ଘଟଣା ହୋଇ ପଡିବା ପରେ ଏୟାର ଆମ୍ବୁଲାନ୍ସରେ ନିଆଁ ଲାଗିଯାଇଥିଲା। ବିମାନ ପଡିଥିବା ସ୍କୁଲ ମଧ୍ୟ ସଂପୂର୍ଣ୍ଣ ଧ୍ୱଂସ ହୋଇଥିଲା। କମିଶନର ହେନରୀ ବାଫୁଲା ଦୁର୍ଘଟଣା ବିଷୟରେ ସୂଚନା ଦେଇ କହିଛନ୍ତି, ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଦୁର୍ଘଟଣା ଭାରତୀୟ ସମୟ ଅପରାହ୍ନ ୨ଟା ୧୪ ମିନିଟ ସମୟରେ ହୋଇଥିଲା। ଉଡ଼ାଣ ଭରିବାର ୩ ମିନିଟ ମଧ୍ୟରେ ଏୟାର ଆମ୍ବୁଲାନ୍ସ ଗାୟବ ହୋଇଯାଇଥିଲା।

ଏୟାର ଆମ୍ବୁଲାନ୍ସ ସ୍କୁଲ ଉପରେ ପଡିଥିଲା। ବିମାନ ତଳେ ପଡିବା ପରେ ନିଆଁ ଲାଗିଯାଇଥିଲା। ଲୋକଙ୍କୁ ଉଦ୍ଧାର କରାଯାଉଛି। ସ୍ଥାନୀୟ ଲୋକ ପୋଲିସକୁ ଏହା ବିଷୟରେ ସୂଚନା ଦେଇଥିଲେ। ନ୍ୟାସନାଲ ପୋଲିସ ସର୍ଭିସ ଏବଂ କେନିଆ ଡିଫେନ୍ସ ଫୋର୍ସ ମିଳିତ ଭାବେ ରେସକ୍ୟୁ ଅପରେସନ ଚଳାଇଛନ୍ତି।




### ଚୀନ ଭୂବୈଜ୍ଞାନିକଙ୍କ ଆଶ୍ଚର୍ଯ୍ୟଜନକ ଦାବି


## ପୃଥିବୀ ଗର୍ଭର ଗଭୀର ଅନ୍ଧକାରରେ ବଢୁଛି ଜୀବନ

**ନୂଆଦିଲ୍ଲୀ:** ବର୍ଷ ବର୍ଷ ଧରି ମଙ୍ଗଳ ଗ୍ରହରେ ଜୀବନର ସନ୍ଧାନ ଜାରି ରଖିଛନ୍ତି ବୈଜ୍ଞାନିକ। ମହାକାଶରେ ଏଲିଏନ ଥିବା ନେଇ ମଧ୍ୟ ଅନେକ ଦାବି କରାଯାଉଛି। ପୃଥିବୀ ବାହାରେ ଅର୍ଥାତ୍ ମହାକାଶରେ ଜୀବନର ସମ୍ଭାବନା ଅଛି ବୋଲି ବିଭିନ୍ନ ସମୟରେ ମହାକାଶବିଜ୍ଞାନୀମାନେ ଦାବି କରିଆସିଛନ୍ତି। ବିଶ୍ୱର ଅନେକ ମହାକାଶ ସଂସ୍ଥା ଏ ସନ୍ଧାନରେ ନିୟୋଜିତ ଅଛନ୍ତି, କିନ୍ତୁ ଚୀନ୍ ଏହି ସମସ୍ତ ଆକଳନ ଏବଂ ସମ୍ଭାବନା ବାହାରେ ଏପରି ଏକ ଆବିଷ୍କାର କରିଛି ଯାହା ଆଶ୍ଚର୍ଯ୍ୟଜନକ। ଚୀନ୍ ବୈଜ୍ଞାନିକମାନେ କାନାଡ଼ିଆନ୍ ବୈଜ୍ଞାନିକମାନଙ୍କ ସହ ମିଳିତ ଭାବେ ପୃଥିବୀ ଗର୍ଭର ଗଭୀର ଅନ୍ଧାରରେ ଜୀବନ ଆବିଷ୍କାର କରିଛନ୍ତି। ଏହା ସେହି ସ୍ଥାନ ଯେଉଁଠାରେ ଆଜି ପର୍ଯ୍ୟନ୍ତ ସୂର୍ଯ୍ୟକିରଣ ପହଞ୍ଚିନାହିଁ। ଗବେଷଣାରେ ଦାବି କରାଯାଇଛି ଯେ, ପୃଥିବୀର ଗଭୀରତାରେ ବଢୁଥିବା ଏହି ଜୀବନ ପୃଥିବୀରେ ଅନୁଭୂତ ହେଉଥିବା ଭୂମିକମ୍ପରୁ ଶକ୍ତି ନେଇଥାଏ।

**ଜେନେରେଟରରେ କିପରି ପରିଣତ ହୁଏ ଭୂମିକମ୍ପ ?**

ଏହି ଆବିଷ୍କାର ପାରମ୍ପରିକ ବିଜ୍ଞାନ ବାହାରେ ଏକ ଆଲୋଚନାର ବିଷୟ ପାଲଟିଛି। ଏପର୍ଯ୍ୟନ୍ତ ବିଶ୍ୱାସ କରାଯାଉଥିଲା ଯେ, ପୃଥିବୀ ପୃଷ୍ଠରୁ କିଛି କିଲୋମିଟର ତଳେ ଜୀବସତ୍ତା ଅସମ୍ଭବ। କିନ୍ତୁ, ନିକଟରେ ହୋଇଥିବା ଗବେଷଣାରେ ଦାବି କରାଯାଇଛି ଯେ, ପୃଥିବୀ ଗର୍ଭରେ ପ୍ରୋକାରିଓଟ୍ସ ଜୀବ ଅଛନ୍ତି। ପ୍ରୋକାରିଓଟ୍ ହେଉଛି ଏକକୋଷୀୟ ଜୀବ ଯାହାର ଝିଲ୍ଲୀ-ବନ୍ଧିତ କୋଷର ଅଭାବ ଥାଏ।

ପୃଥିବୀ ଗର୍ଭରେ କିପରି ବଞ୍ଚି ରହନ୍ତି ଏହି ସୂକ୍ଷ୍ମଜୀବ ?



ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍ସର ଗ୍ୱାଙ୍ଗଝୁ ଇନଷ୍ଟିଚ୍ୟୁଟ୍ ଅଫ୍ ଜିଓକେମିଷ୍ଟ୍ରିର ପ୍ରଫେସର ଝୁ ଜିଆନକ୍ସି ଏବଂ ହେ ହୋଙ୍ଗପିଙ୍ଗ୍ ଏବଂ ଅଲବର୍ଟା ବିବିର ପ୍ରଫେସର କର୍ଟ କୋନହାଉସର ଏହା ଭୂଗର୍ଭରେ ଥିବା ଏହି ସୂକ୍ଷ୍ମଜୀବ ଉପରେ ଗବେଷଣା ଜାରି ରଖିଛନ୍ତି। ଏହି ଗବେଷଣା ସାଇନ୍ସ ଆଡଭାନ୍ସ୍ ଜର୍ଣ୍ଣାଲରେ ପ୍ରକାଶିତ ହୋଇଛି। କୁହାଯାଇଛି ଯେ, ପୃଥିବୀରେ ଭୂକମ୍ପ କାର୍ଯ୍ୟକଳାପ ଏହି ଜୀବମାନଙ୍କ ପାଇଁ ଜେନେରେଟର ଭଳି କାମ କରେ, ଯାହା ଫଳରେ ଜୀବମାନଙ୍କର ଜୀବନଚକ୍ର ଜାରି ରହେ।

## ଜାତୀୟ ହସ୍ତତନ୍ତ ଦିବସ ପାଳିତ

**ମାଲକାନଗିରି:** ଭୁବନେଶ୍ୱର ସ୍ଥିତ ଜନତା ମଇଦାନ ଠାରେ ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଛନ୍ତି। ଅନଲାଇନ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲା ଏହି କାର୍ଯ୍ୟକ୍ରମରେ ଯୋଡ଼ି ହୋଇଥିଲେ। ଅନୁରୂପ ଭାବେ ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ହଲ୍ ଠାରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଅତିରିକ୍ତ ହସ୍ତଶିଳ୍ପ ଅଧିକାରୀ ଗୁରୁଚରଣ, ଡେପୁଟି କଲେକ୍ଟର ଜଗଜୀବନ ଚୌଧୁରୀ, ଡେପୁଟି କଲେକ୍ଟର ସୁଧାକର ରଇତ, ଡିଇଜିଏମ ଶୁଭାଶିଷ ପଟ୍ଟନାୟକ, ସହାୟକ ଜିଲ୍ଲାପାଳ ମୁନା ତୁରୁକ୍ ଙ୍କ ସମେତ ଜିଲ୍ଲାପାଳ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନା ଥାଉ କି ଭାରତ ସରକାର ଅଗଷ୍ଟ ୭, ୨୦୧୫କୁ ଜାତୀୟ ହସ୍ତତନ୍ତ ଦିବସ ରୂପେ ଘୋଷଣା କରିଥିଲେ। ଏହି ଦିନ ୭ ଅଗଷ୍ଟ ୧୯୦୫ରେ ସ୍ୱଦେଶୀ ଆନ୍ଦୋଳନର ଆରମ୍ଭ ହୋଇଥିଲା। ଉଦ୍ଦେଶ୍ୟ ଥିଲା ବିଦେଶୀ ବସ୍ତ୍ର ବର୍ଜନ କରି ପାରମ୍ପରିକ ହସ୍ତତନ୍ତ ବସ୍ତ୍ର ପରିଧାନ କରିବା। ପାରମ୍ପରିକ ବୁଣା ଶୈଳୀ ମାଧ୍ୟମରେ ସଂସ୍କୃତିକୁ ବଂଚାଇ ରଖିଛନ୍ତି ବୁଣାକାର ମାନେ।

## ରାଶିଫଳ

**ମେଷ:** ବନ୍ଧୁମାନଙ୍କ ଅକୁଣ୍ଠ ସାହାଯ୍ୟ ଓ ସମର୍ଥନ ପାଇ ଅସମ୍ପୂର୍ଣ୍ଣ କାମକୁ ତ୍ୱରାନ୍ୱିତ କରି ଶେଷ କରିବା ସହିତ ସମ୍ମାନିତ ହେବେ। ପରିବାର ମଧ୍ୟରେ ଦେଖା ଦେଇଥିବା ସମସ୍ୟାକୁ ଦୂର କରିବା ପାଇଁ ଚେଷ୍ଟା କରି ସଫଳତା ହାସଲ କରିବେ।

**ବୃଷ:** ପାରିବାରିକ ସମସ୍ୟାକୁ ନେଇ ମାନସିକ ଅସ୍ଥିରତା ଦେଖାଦେବ। ଏଣୁ ଜଗିରଖି ଚଳନ୍ତୁ, ଅପ୍ରିୟ ସତ କଥା କୁହନ୍ତୁ ନାହିଁ। କଥା ଦେଇଥିବା ବନ୍ଧୁ ଠିକ୍ ସମୟରେ ସାହାଯ୍ୟ ସହଯୋଗ କରିବ ନାହିଁ।

**ମିଥୁନ:** ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବେ। ଆର୍ଥିକ ସମସ୍ୟାର ସମାଧାନ ହେବ। ପୂର୍ବରୁ ଯେଉଁ କାର୍ଯ୍ୟ ସକାଶେ ଚିନ୍ତିତ ଥିଲେ ସାହାଯ୍ୟ ସହଯୋଗ ସହାନୁଭୂତି ପାଇ ସେଥିରେ ସଫଳତା ମିଳିବ।

**କର୍କଟ:** ଦୂରସ୍ଥାନକୁ ଯାତ୍ରା କଲାବେଳେ ସାବଧାନ ସହିତ ଯାଆନ୍ତୁ ନଚେତ୍ ଅସୁବିଧାରେ ପଡିପାରନ୍ତି। ପରିବାରରେ ଛୋଟ କଥାକୁ ନେଇ ଅସନ୍ତୋଷ ଦେଖାଯିବାରୁ ମନ ଭଲ ରହିବ ନାହିଁ। ବ୍ୟବସାୟରେ ଅଶାନୁସାରେ ଲାଭ ପାଇବେ ନାହିଁ। ଶିଳ୍ପ ବାଣିଜ୍ୟ ବ୍ୟବସାୟରେ ଆଶାନୁରୂପ ସଫଳତା ହାସଲ କରିବେ ପୂର୍ବର ବକେୟା ଅର୍ଥ ହସ୍ତଗତ ହେବ।

**ସିଂହ:** ଅଧସ୍ତନଙ୍କର ସହଯୋଗ ଯୋଗୁ କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ବନ୍ଧୁ ମିତ୍ରଙ୍କର ସହଯୋଗ ଓ ପ୍ରେରଣା ପାଇ ଉଚିତ ପନ୍ଥା ଗ୍ରହଣ କରିବେ। ଇନ୍ଦ୍ରିୟପରାୟଣତା ଓ ବିଷୟବାସନା ଉପରେ ଅଧିକ ଗୁରୁତ୍ୱ ଦେବେ।

**କନ୍ୟା:** ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ। ପଡୋଶୀମାନେ ସମ୍ମୁଖରେ ପ୍ରଶଂସା କରି ପଛରେ ନିନ୍ଦା କରିପାରନ୍ତି। କୌଣସି ଜାଗାକୁ ଯାତ୍ରାକଲେ ସତର୍କତା ଅବଲମ୍ବନ କରିବା ଉଚିତ୍।

**ତୁଳା:** ପରିବାରରେ କୌଣସି ପ୍ରସଙ୍ଗକୁ ନେଇ ସମସ୍ୟା ଦେଖାଦେଇପାରେ। ବିଭିନ୍ନ ପ୍ରକାର ବାଧାବିଘ୍ନ ଓ ସମସ୍ୟା ଲାଗି ରହୁଥିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ଚିନ୍ତା ମନକୁ ଆକ୍ରାନ୍ତ କରିବ।

**ବିଛା:** କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଆତ୍ମୀୟମାନେ ସମାଲୋଚନା କରିପାରନ୍ତି। ଆୟ ତୁଳନାରେ ବ୍ୟୟ ଅଧିକ ହୋଇଯିବ। ଅଯଥାରେ ଖର୍ଚ୍ଚାନ୍ତରେ ପଡ଼ିବେ। ସ୍ୱାସ୍ଥ୍ୟରେ ଅବନତିର ସମ୍ଭାବନା ରହିଛି। ଦୂର ସ୍ଥାନକୁ ଯାତ୍ରା କରନ୍ତୁ ନାହିଁ।

**ଧନୁ:** କୌଣସି ବ୍ୟକ୍ତି ପରୋକ୍ଷରେ ଆକ୍ଷେପ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ଆକସ୍ମିକ ଭାବରେ ସମ୍ମାନ ପ୍ରାପ୍ତିର ଯୋଗ ରହିଛି। ଅସାବଧାନତା କାରଣରୁ କୌଣସି ଜିନିଷ ହଜି ଯାଇପାରେ।

**ମକର:** ପରିବାରରେ ଛୋଟ ଛୋଟ କଥାକୁ ନେଇ ମନୋମାଳିନ୍ୟ, ସନ୍ଦେହ ଓ ଭୁଲ୍ ବୁଝାମଣା ଦେଖାଦେଇପାରେ। କୌଣସି ବ୍ୟକ୍ତିଙ୍କୁ ଦୀର୍ଘ ସମୟ ଅପେକ୍ଷା କରି ବ୍ୟସ୍ତତା ଅନୁଭବ କରିବେ। ବିଳମ୍ବରେ ହେଲେ ମଧ୍ୟ କାର୍ଯ୍ୟ ହାସଲ କରିବେ।

**କୁମ୍ଭ:** ସାମାନ୍ୟ କଥାବାର୍ତ୍ତାକୁ ନେଇ ସମ୍ପର୍କୀୟଙ୍କ ସହ ବିବାଦ ଦେଖାଦେଇପାରେ। ଏଣୁ ଜଗିରଖି ଚଳନ୍ତୁ। କର୍ମକ୍ଷେତ୍ରରେ ଯେତିକି ସୁବିଧା ସୁଯୋଗ ପାଇବା କଥା ସେଥିରୁ ବଞ୍ଚିତ ହୋଇ ମନସ୍ତାପ କରିବେ। ଫେରନ୍ତା ବାଟରେ ହଠାତ୍ ମୂଲ୍ୟବାନ ଦ୍ରବ୍ୟ ଲାଭ ହେବ।

ମୀନ: ଦିନଟି ଆପଣଙ୍କ ପାଇଁ ଲାଭପ୍ରଦ ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ ସହଯୋଗ ମିଳିବ। ପରିକ୍ଷାର୍ଥୀମାନ ଲିଖିତ ଓ ମୌଖିକ ପରୀକ୍ଷାରେ କୃତକାର୍ଯ୍ୟ ହେବା ସହିତ ଲକ୍ଷ୍ୟସ୍ଥଳରେ ପହଞ୍ଚିବେ। ପୂର୍ବ ଅପେକ୍ଷା ଆୟ ବୃଦ୍ଧି ପାଇବ। ବ୍ୟବସାୟ ବାଣିଜ୍ୟ ପାଇଁ ଦିନଟି ଅନୁକୂଳ ରହିବ।

# ଓଡ଼ିଶା ବିଧାନସଭାର ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ



**ଭୁବନେଶ୍ୱର:** ଓଡ଼ିଶା ବିଧାନସଭାର ନୂତନ ୱେବ୍ ସାଇଟ୍ ଉନ୍ମୋଚିତ ହୋଇଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ଏହି ୱେବ୍‌ସାଇଟ୍ କୁ ଉନ୍ମୋଚନ କରି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ କହିଲେ ଯେ ଏଭଳି ପ୍ରୟାସ ଅଧିକ ସ୍ୱଚ୍ଛ ଓ ପାରଦର୍ଶିତା ଦିଗରେ ଆମ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଓଡ଼ିଶା ସରକାରଙ୍କ ଆଇଟି ଓ ଇଟି ବିଭାଗ ଏବଂ ଭାରତ ସରକାରଙ୍କ ଏନ୍‌ଆଇସିର ବୈଷୟିକ ପରାମର୍ଶରେ ବିକଶିତ ହୋଇଥିବା ଏହି ନୂତନ ୱେବ୍‌ସାଇଟ୍ ବିଧାନସଭା କାର୍ଯ୍ୟଧାରାକୁ ଜନସାଧାରଣଙ୍କ ପାଇଁ ଅଧିକ ସୁଗମ ଏବଂ ସ୍ୱଚ୍ଛ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହା ନାଗରିକମାନଙ୍କୁ ବିଧାନସଭାର କାର୍ଯ୍ୟକଳାପ, ନିଷ୍ପତି ଏବଂ ପଦକ୍ଷେପ ବିଷୟରେ ସଠିକ୍ ଏବଂ ସବିଶେଷ ସୂଚନା ପ୍ରଦାନ କରିବ ବୋଲି ଶ୍ରୀମତୀ ପାଢ଼ୀ ପ୍ରକାଶ କରିଥିଲେ ।

ଏହି ଉନ୍ମୋଚନ ସୁଶାସନ ଏବଂ ନାଗରିକ ସମ୍ପୃକ୍ତି ପାଇଁ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରିବା କ୍ଷେତ୍ରରେ ପ୍ରତିବଦ୍ଧତାର ଏକ ନିଦର୍ଶନ । ଏହି ପ୍ଲାଟ୍‌ଫର୍ମ କେବଳ ବିଧାନସଭାର କାର୍ଯ୍ୟକାରିତାକୁ ବୃଦ୍ଧି କରିବ ନାହିଁ ବରଂ ଓଡ଼ିଶାର ଜନସାଧାରଣଙ୍କ ଅଧିକ ଅଂଶଗ୍ରହଣ ଏବଂ ସମ୍ପୃକ୍ତିକୁମଧ ପ୍ରୋତ୍ସାହିତ କରିବ ।

ଚଳିତ ଅଗଷ୍ଟ ମାସ ୨୯ ଓ ୩୦ ତାରିଖରେ ଦୁଇଦିନ ଧରି ଓଡ଼ିଶାରେ ଜାତୀୟ ସ୍ତରର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷମାନଙ୍କ ସମ୍ମିଳନୀ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଯାଉଛି । ଏହି ସମ୍ମିଳନୀରେ ଲୋକସଭାର ବାଚସ୍ପତି ଓ ରାଜ୍ୟସଭାର ଉପାଧ୍ୟକ୍ଷ ଏବଂ ସଂସଦର ଉଭୟ ଗୃହ ଓ ସମସ୍ତ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଂଚଳର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିମାନଙ୍କର ଅଧ୍ୟକ୍ଷ ଓ ସଦସ୍ୟମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଅତିଥିମାନେ ଏହି ନୂତନ ୱେବ୍‌ସାଇଟ୍ ରେ ପାର୍ଲାମେଂଟ ଦ୍ୱାରା ପ୍ରଦତ ଲିଙ୍କ୍ ରେ ରେଜିଷ୍ଟ୍ରେସନ୍ କରିବାର ସୁବିଧା ପାଇବେ ।

ଏହି ଅବସରରେ ଶକ୍ତି, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ଓକାକ୍ ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ରାଉତ, ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ, ବିଧାନସଭାରେ କାର୍ଯ୍ୟରତ ଏନ୍‌ଆଇସିର ଯୁଗ୍ମ ନିର୍ଦ୍ଦେଶକ ଅଶୋକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ଶାନ୍ତନୁ କୁମାର ସାଇଁ ସିକ୍କିମ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ନିଯୁକ୍ତ

**ଭୁବନେଶ୍ୱର:** ଓଡ଼ିଆ ପୁଅ ତଥା ପ୍ରଖ୍ୟାତ ଶିକ୍ଷାବିଦ ପ୍ରଫେସର ଶାନ୍ତନୁ କୁମାର ସାଇଁଙ୍କୁ ସିକ୍କିମ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବରେ ନିଯୁକ୍ତ କରାଯାଇଛି । ଏହି ନିଯୁକ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟର ଭିଜିଟର ଭାବରେ କରାଯାଇଛି । ପ୍ରଫେସର ସାଇଁ ପାଞ୍ଚ ବର୍ଷ ଅଥବା ସେ ୭୦ ବର୍ଷ ବୟସରେ ପହଞ୍ଚିବା ପର୍ଯ୍ୟନ୍ତ କୁଳପତି ଭାବରେ ପଦଭାର ଗ୍ରହଣ କରିବେ ।
ପୁରୀ ଜିଲ୍ଲାର ଋଷିପଡ଼ା ଗାଁର ନିବାସୀ ପ୍ରଫେସର ସାଇଁ ଶିକ୍ଷା କ୍ଷେତ୍ରରେ ୪୩ ବର୍ଷର ଅନୁଭବ ଥିବା ଏକ ପ୍ରତିଷ୍ଠିତ ବିଦ୍ୱାନ ବ୍ୟକ୍ତି ଭାବରେ ଜଣାଶୁଣା ।

# ନାବାଳିକା ଝିଅାରୀକୁ ଗର୍ଭବତୀ କଲା ସଂପର୍କୀୟ ପିଉସା

## ଅଭିଯୁକ୍ତକୁ ଅଟକ ରଖି ପୁଲିସ ଜିମା ଦେଲେ ପରିବାର ଲୋକ

**ବସ୍ତା୨:** ପିଉସା -ଝିଅାରୀ ଭଳି ଏକ ପବିତ୍ର ସମ୍ପର୍କରେ ଛିଟା ପଡ଼ିଥିବା ଦେଖିବାକୁ ମିଳିଛି, ଯେଉଁଥିରେ କି ଏହି ଘଟଣା ଘଟିବା ପରେ ସମ୍ପର୍କ ଉପରୁ ଭରସା ତୁଟି ଯାଇଛି । ଯାହା ବସ୍ତା ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।



ସୂଚନା ଅନୁସାରେ, କିଛି ଦିନ ପୂର୍ବରୁ ସିଂଲା ଥାନା ଅଞ୍ଚଳରେ ଜଣେ ୧୩ ବର୍ଷୀୟ ନାବାଳିକାଙ୍କୁ ସମ୍ପର୍କୀୟ ପିଉସା ମାଙ୍କଡ଼ ଘଉଡ଼ାଇବାକୁ ଡାକି ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କ ସହିତ ଦୁଷ୍କର୍ମ କରିଥିଲା । ଘଟଣା ସମ୍ପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥଲା । ପରେ ନାବାଳିକାଙ୍କ ଦେହରେ ଗର୍ଭବତୀ ହେବାର ଲକ୍ଷଣ ଦେଖାଦେବାରୁ ପରିବାର ଲୋକ ତାଙ୍କର ଡାକ୍ତରୀ ପରୀକ୍ଷା କରାଇଥିଲେ । ପରେ ସେ ଗର୍ଭବତୀ ଥିବା ପରିବାର ଲୋକ ଜାଣି ଏମିତି କିଏ କରିଲେ ଝିଅକୁ ପ୍ରଶ୍ନ କରିଥିଲେ । ଝିଅ ଡରି ନିଜର ସମ୍ପର୍କୀୟ ପିଉସା ମାଙ୍କଡ଼ ଘଉଡ଼ାଇବା ବାହାନାରେ ତାଙ୍କ ସହିତ ଦୁଷ୍କର୍ମ କରିଥିବା ଘଟଣା ପ୍ରକାଶ କରିଥିଲେ ।

ପରେ ପରିବାର ଲୋକ ପିଉସାଙ୍କୁ ଡକାଇ ଗତକାଲି ରାତିରେ ସମସ୍ତ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଘଟଣାରେ ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ପିଉସାଙ୍କୁ ଉଦ୍ଧାରକରି ଥାନାରେ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚଳାଇଛି ।

# ଚିତ୍ରକୋଣ୍ଡା ସରକାରୀ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ ହଷ୍ଟେଲରୁ ଦୁଇଟି ଭିନ୍ନ ପ୍ରଜାତିର ବିଷଧର ସାପ ଉଦ୍ଧାର

**ମାଲକାନଗିରି,:** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସରକାରୀ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ ହଷ୍ଟେଲ ରୁ ଦୁଇଟି ଭିନ୍ନ ପ୍ରଜାତିର ବିଷଧର ସାପ ଉଦ୍ଧାର ହୋଇଛି । ଗତକାଲି ରାତି ୧୦ ଟା ବେଳେ ଶୋଇବା ପାଇଁ ଯିବା ବେଳେ କିଛି ଝିଅ ହଷ୍ଟେଲ ଭିତରେ ଏକ ୩ ଫୁଟ ଲମ୍ବର ନାଗ ସାପ ଦେଖି ଭୟଭୀତ ହୋଇ ଚିତ୍କାର କରି ଉଠିଥିଲେ । ଘଟଣା କଣ ଜାଣିବା ପାଇଁ ଶିକ୍ଷୟିତ୍ରୀ ମାନେ ସେଠିକି ଧାଇଁ ଆସି ପହଞ୍ଚିବା ବେଳକୁ ହଷ୍ଟେଲ ମୁଖ୍ୟ ଫାଟକ ପାଖରେ ଅନ୍ୟ କିଛି ଝିଅ ଆଉ ଏକ ସାପ ଦେଖି ଚିତ୍କାର କରିଥିଲେ । ହଷ୍ଟେଲରେ ଭୟର ବାତାବରଣ ଖେଳି ଯାଇଥିଲା । ତେବେ ପିଲାଙ୍କ ସୌଭାଗ୍ୟକୁ ସ୍କୁଲ ରେ ନୂଆ କରି ଯୋଗ ଦେଇଥିବା ଶିକ୍ଷୟିତ୍ରୀ ସ୍ନେହାଶ୍ରୀ ଯୋରେନ ଯିଏକି ଓଡ଼ିଶାରେ ସର୍ପ-ଶିକ୍ଷୟିତ୍ରୀ ଭାବରେ ପରିଚିତ । ସ୍ନେହାଶ୍ରୀ ଛାତ୍ରୀ ମାନଙ୍କୁ ଭୟଭୀତ ନ ହେବାକୁ ପରାମର୍ଶ ଦେବା ସହିତ ସାପ ଠାରୁ ଦୂରେଇ ଯିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଉ ନିଜ ରୁମ୍ କୁ ଯାଇ ବ୍ୟାଗ୍ ଏବଂ ସ୍ନେକ୍ ହୁକ୍ ଆଣିବା କିମ୍ବା ଜୋତା ପିନ୍ଧିବା ପାଇଁ ମଧ ସମୟ ପାଇନଥିଲେ । ସ୍ନେହାଶ୍ରୀ ପିଲା ମାନଙ୍କ ସୁରକ୍ଷା ପାଇଁ ନିଜ ସୁରକ୍ଷାକୁ ଭ୍ରୂକ୍ଷେପ ନକରି ସେମିତି ବିନା ସୁରକ୍ଷା ସରଞ୍ଜାମ ବିନା ଆଗେଇ ଯାଇଥିଲେ ସାପ ଉଦ୍ଧାର ପାଇଁ । ଦୁଇଜଣ ଝିଅ ଦଉଡ଼ି ଯାଇ ମଶାରୀ ବାଡ଼ ରେ ଲାଗିଥିବା ବାଡି ଖୋଲି ସ୍ନେହାଶ୍ରୀଙ୍କ ହାତକୁ ବଢେଇ ଦେଇଥିଲେ । ଆଉ ଜଣେ ଗୋଟେ ପ୍ଲାଷ୍ଟିକ ଡବା ଆଣି ସ୍ନେହାଶ୍ରୀଙ୍କୁ ଦେଇଥିଲେ ।

ପ୍ରଥମେ ହଷ୍ଟେଲ ଭିତରେ ପଶିଥିବା ନାଗ ସାପକୁ ହାତରେ ଧରି ମଶାରୀ ବାଡ଼ି ସାହାଯ୍ୟରେ ଟେକି ପ୍ଲାଷ୍ଟିକ ଡବା ଭିତରେ ଭର୍ତ୍ତି କରି ଦେଇଥିଲେ । ଏକ ଛୁରୀ ସାହାଯ୍ୟରେ ଡବାରେ କିଛି କଣା କରି ସାରିବା ପରେ, ଡବାକୁ ସୁରକ୍ଷିତ ଭାବରେ ରଖି, ହଷ୍ଟେଲ ଫାଟକ ନିକଟକୁ ଧାଇଁ ଯାଇ ଥିଲେ । ସେଠି କିନ୍ତୁ ଯେଉଁ ସାପ ଥିଲା ତାହା ନାଗ ସାପ ଠାରୁ ମଧ ଅଧିକ ବିଷଧର, ଏକ ଚିତି ସାପ । କଳା ରଙ୍ଗର ଶରୀର ଉପରେ ଧଳା ଧଳା ରଙ୍ଗର ଗାର ପଡ଼ିଥିବା ଚିତି ସାପ ମାନେ ରାତ୍ରିଚର ହୋଇଥିବାରୁ ସ୍ନେହାଶ୍ରୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିଥିଲା । ଚିତି ସାପଟିକୁ ଅତି ସତର୍କତାର ସହିତ ଅନ୍ୟ ଏକ ଡବାରେ ଭର୍ତ୍ତି କରିଥିଲେ ସ୍ନେହାଶ୍ରୀ । ତେବେ ଶୋଇବା ପର୍ଯ୍ୟନ୍ତ ନୂଆ ଦିଦିଙ୍କ ବୀରତ୍ୱ କାରନାମା କୁ ନେଇ ଛାତ୍ରୀ ମାନଙ୍କର ଭିତରେ ବେଶ୍ କିଛି ସମୟ ଆଲୋଚନା ଚାଲି ଥିଲା । ସବୁ ଝିଅଙ୍କ ପାଇଁ ନୂଆ ଦିଦି କିନ୍ତୁ ହିରୋ ପାଲଟି ଯାଇଥିଲେ ।ସାପ ଦୁଇଟିକୁ ଆଜି ସକାଳେ ହଷ୍ଟେଲ ଠାରୁ ବେଶ୍ କିଛି ଦୂରରେ ନେଇ ଅନ୍ୟ ଏକ ପ୍ରାକୃତିକ ଆବାସ ସ୍ଥଳୀରେ ଛାଡ଼ି ଦେଇଥିଲେ ସ୍ନେହାଶ୍ରୀ ।

ସ୍କୁଲ ର ପ୍ରଧାନ ଶିକ୍ଷକ ମନୋଜ କୁମାର ଲଉଡ଼ିଆ ଏନେଇ କହିଛନ୍ତି 'ସ୍ନେହାଶ୍ରୀ ଆମ ସ୍କୁଲକୁ ବଦଳି ହୋଇ ଆସିବା ବେଳେ ମୁଁ ତାଙ୍କ ବିଷୟରେ ଅଳ୍ପ କିଛି ଜାଣି ଥିଲି । କିନ୍ତୁ ଏତେ ଶୀଘ୍ର ଯେ ସେ ଆମ ପିଲା ମାନଙ୍କ ପାଇଁ ତ୍ରାଣକର୍ତ୍ତା ପାଲଟି ଯିବେ, ସେଭଳି ମୋର ଧାରଣା ନଥିଲା । ମୁଁ ସ୍ନେହାଶ୍ରୀଙ୍କୁ ଧନ୍ୟବାଦ ଦେଉଛି' ।

ସୂଚନାଯୋଗ୍ୟ ସ୍ନେହାଶ୍ରୀ ଉକ୍ତି ଅବସରରେ ରାଜ୍ୟର ଅଗ୍ରଣୀ ସାପ ଉଦ୍ଧାରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ନେକ୍ ହେଲ୍ପ ଲାଇନର ସଦସ୍ୟତା ମଧ୍ୟ ଗ୍ରହଣ କରିଥିଲେ । ସ୍ନେକ୍ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି 'ସ୍ନେହାଶ୍ରୀ ଯେ କୌଣସି ସଂସ୍ଥା ପାଇଁ ଜଣେ ସମ୍ପତ୍ତି ହେବେ ସେଥିରେ ସନ୍ଦେହ ନାହିଁ । ଆଗକୁ ମାଲକାନଗିରିରେ ଶିକ୍ଷା ବିଭାଗ ତରଫରୁ ଜିଲ୍ଲାରେ ଥିବା ସ୍କୁଲ ମାନଙ୍କରେ ସାପ ଏବଂ ସାପ କାମୁଡ଼ା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ସ୍ନେହାଶ୍ରୀଙ୍କୁ ବିଶେଷ ପ୍ରଶିକ୍ଷଣ ଦେବା ପାଇଁ ସ୍ଥିର କରିଛୁ' ।

## ବସ୍-ବୁଲେଟ୍ ଧକ୍କା : ୨ ମୃତ

**ବୌଦ୍ଧ:** ୫୭ ନମ୍ବର ଜାତୀୟ ରାଜପଥର ବାଉଁଶୁଣୀ ଥାନା ଅନ୍ତର୍ଗତ ଗଜରାଜପୁର ଗାଁ ନିକଟରେ ଗତକାଲି ବିଳମ୍ବିତ ରାତିରେ ଘଟିଛି ଦୁର୍ଘଟଣା । ଏକ ଯାତ୍ରୀବାହୀ ବସ୍ ସହ ବୁଲେଟ୍ ଧକ୍କା ହେବା ଫଳରେ ୨ଜଣ ବୁଲେଟ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ବାଉଁଶୁଣୀ ଥାନା ପିଙ୍ଗଳାବେଡ଼ା ଗ୍ରାମର ଅମିତ ଝଙ୍କର ଓ ତାଙ୍କ ସମ୍ପର୍କୀୟ ଭଣଜା ବୌଦ୍ଧ ଥାନା ଅନ୍ତର୍ଗତ କୃଷ୍ଣପାଲି ଗ୍ରାମର ସିଦ୍ଧାନ୍ତ ପ୍ରଧାନ ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ, ଅମିତ ଓ ତାଙ୍କ ସମ୍ପର୍କୀୟ ଭଣଜା ସିଦ୍ଧାନ୍ତ ବୁଲେଟ୍ ଯୋଗେ ଘରକୁ ଫେରୁଥିଲେ । ଏହି ସମୟରେ ଭୁବନେଶ୍ୱରରୁ ଉମରକୋଟ ଅଭିମୁଖେ ଯାଉଥିବା ରଘୁନାଥ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ସହ ଗଜରାଜପୁର ନିକଟରେ ଧକ୍କା ହୋଇଥିଲା ।

# ମୋଚି ସାହିରେ ବୋମାମାଡ଼

**ପୁରୀ:** ପୁରୀରେ ବୋମାମାଡ଼ । ମୋଚି ସାହି ନିକଟରେ ଥିବା ତୋଟା ଜାଗା ଘର ଉପରେ ବୋମାମାଡ଼ ହୋଇଛି । ଶୁକ୍ରବାର ଅପରାହ୍ନରେ ତିନି ଜଣ ଦୁର୍ବୃତ୍ତ ଦୁଇଟି ବାଇକ୍ ରେ ଆସି ୨ଟି ବୋମା ଫିଙ୍ଗି ଘଟଣାସ୍ଥଳରୁ ଚମ୍ପଟ୍ ମାରିଛନ୍ତି । ବୋମା ମାଡ଼ରେ କାହାର କିଛି କ୍ଷୟକ୍ଷତି ହୋଇ ନାହିଁ । ଖବର ପାଇ ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଂଚି ସିସିଟିଭି ଯାଂଚ୍ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୋମା ମାଡ଼ ହୋଇଥିବା ଅନୁମାନ କରାଯାଉଛି । ତେବେ ତଦନ୍ତ ପରେ କିଏ ଓ କାହିଁକି ବୋମାମାଡ଼ କଲା ତାହା ସ୍ପଷ୍ଟ ହେବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି ।

# ଓଲଟିଲା ଯାତ୍ରୀବାହୀ ବସ୍ : ୨୦ରୁ ଉର୍ଦ୍ଧ୍ୱ ଆହତ

**ଢେଙ୍କାନାଳ:** ଭାରସାମ୍ୟ ହରାଇ ଓଲଟିଲା ଯାତ୍ରୀବାହୀ ବସ୍ । ଫଳରେ ୨୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲା ତୁମୁସିଂହା ଥାନା ଅନ୍ତର୍ଗତ କନ୍ତିଓକାଟେଣୀ ଠାରେ ଏହି ଦୁର୍ଘଟଣା ଘଟିଛି । ତେବେ ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ଢେଙ୍କାନାଳ ଡାକ୍ତରଖାନାକୁ ପଠାଯାଇଛି ।। ଯାତ୍ରୀଙ୍କ ମଧ୍ୟରୁ ୨୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ନିକଟସ୍ଥ ମେଡିକାଲରେ ଭର୍ତି କରାଯାଇଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରୁଛି ।

# ୧୪ରେ କଂଗ୍ରେସର 'ନାରୀ ନ୍ୟାୟ ପଦଯାତ୍ରା' ପାଇଁ ପ୍ରସ୍ତୁତି ବୈଠକ

**ବାଲେଶ୍ୱର(ମାନିସ):** ବାଲେଶ୍ୱର ଜିଲ୍ଲା କଂଗ୍ରେସ ର ଅଗଷ୍ଟ ୧୪ ତାରିଖ ପ୍ରସ୍ତାବିତ ପ୍ରଦେଶ କଂଗ୍ରେସ ସଭାପତି ଙ୍କ ' ନାରୀ ନ୍ୟାୟ ପଦଯାତ୍ରା " ଓ ସାଧାରଣ ସଭା ଉପଲକ୍ଷେ ଏକ ପ୍ରସ୍ତୁତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ପିସିସି ସଭାପତି ଭକ୍ତ ଚରଣ ଦାସ ଙ୍କ ନେତୃତ୍ୱ ରେ ଏହି ପଦଯାତ୍ରା ଆମ୍ବେଦକର ଙ୍କ ପ୍ରତିମୂର୍ତି ନିକଟରୁ ବାହାରି ଷ୍ଟେସନ ଛକ, ଫକୀର ମୋହନ କଲେଜ, ସିନେମା ଛକ ଦେଇ ପୁରୁଣା ଷ୍ଟାଡିଅମ ରେ ସମାପ୍ତ ହୋଇ ଏକ ସାଧାରଣ ସଭା ଅନୁଷ୍ଠିତ ହେବ ।ଉକ୍ତ କାର୍ଯ୍ୟକ୍ରମ ରେ ପ୍ରଦେଶ କଂଗ୍ରେସ ର ବହୁ ନେତୃତ୍ୱ ଯୋଗଦେବେ ।

ଏହି କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ଜିଲ୍ଲା କଂଗ୍ରେସ ସଂଯୋଜକ ସଂଜୀବ ଗିରି ଙ୍କ ସଭାପତିତ୍ୱ ରେ ଆୟୋଜିତ ପ୍ରସ୍ତୁତି କମିଟି ବୈଠକ ରେ ଅନ୍ୟମାନଙ୍କ ମଧ୍ୟରେ




ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ସତ୍ୟସିବ ଦାସ, ହିମାଂଶୁ ବେହେରା, ସରୋଜ ଲେଙ୍କା, ସତ୍ୟ ଦାସ, ପଦ୍ମଲୋଚନ ଲେଙ୍କା, ସୁଧାଂଶୁ ଜେନା, ରଞ୍ଜନ ଦାସ, ଗୌତମ ସାହୁ, ଗିରିଜା ଦାସ, ହରିଶଙ୍କର ଜେନା, ଜୟକୃଷ୍ଣ ବେହେରା, ଜଗନ୍ନାଥ ମହାପାତ୍ର, ତରୁଣ ଦାସ, କନ ବେହେରା, ଜୁବିଲି ପଣ୍ଡା, କେଶବ ନାୟକ, ଜୀବନ ମହାପାତ୍ର, ଉପେନ୍ଦ୍ର ବେହେରା, ସତ୍ୟନାରାୟଣ ଗୁପ୍ତା, ଜ୍ୟୋଷ୍ଣା ସେନାପତି, ବାସନ୍ତୀ ନାୟକ, କୁମୁଦିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ହାର୍ଡୱେର ଦୋକାନରୁ ଡକାୟତି ଘଟଣାରେ ଅଭିଯୁକ୍ତ ଗିରଫ

**ମାଲକାନାଗିରି:** ମାଲକାନଗିରି ଜିଲ୍ଲା ଏମ ଭି - ୭୯ ଥାନା ଅନ୍ତର୍ଗତ ଏମ ଭି - ୭୪ ଗ୍ରାମର ଏକ ହାର୍ଡୱେର ଦୋକାନର ତାଲା ଭାଙ୍ଗି ଟଙ୍କା ବାକ୍ସ ଲୁଟ କରି ଛୁ ମାରିଥିଲେ ଦୁର୍ବୃତ୍ତ । ମଙ୍ଗଳବାର ରାତି ଅଧରେ ଦୁର୍ବୃତ୍ତ ମାନେ ହାର୍ଡୱେର ଦୋକାନରୁ ଲୁଟି ନେଇଥିଲେ ଟଙ୍କା ସହ ସୁନା ମୁଦି । ଏହା ସହ ଗାଁ ର ଅନ୍ୟ ଜଣଙ୍କ ଘରେ ପଶି ଯୁବତୀଙ୍କୁ ମରଣାତ୍ମକ ଆକ୍ରମଣ କରି ଚୋରୀ ପାଇଁ ଉଦ୍ୟମ କରିଥିଲେ । ସକାଳେ ଏମ ଭି - ୭୯ ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲେ । ସୂଚନା ଅନୁଯାୟୀ ମଙ୍ଗଳବାର ରାତିରେ ଏମ ଭି - ୭୪ ଗାଁ ଛକରେ ହାର୍ଡୱେର ଦୋକାନ କରିଥିବା ସଞ୍ଜୟ ବିଶ୍ୱାସ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ତେବେ ବିଳମ୍ବିତ ରାତିରେ ଦୋକାନର ପଛପଟ ଗ୍ରିଲ୍ ଭାଙ୍ଗି ଦୁର୍ବୃତ୍ତ ଭିତରେ ପଶି ଚୋରି କରିଥିଲା । ଏହାସହ ଦୁର୍ବୃତ୍ତ ସଞ୍ଜୟ ବିଶ୍ୱାସଙ୍କ ଦୋକାନ ନିକଟରେ ରହୁଥିବା ଶିକ୍ଷକ କେତୁ ଗୋଲଦାରଙ୍କ ଘରେ ପଶି ଚୋରୀ କରିବାକୁ ଉଦ୍ୟମ କରିଥିଲେ । ଏହି ସମୟରେ ଶିକ୍ଷକ କେତୁ ଗୋଲଦାରଙ୍କ ଝିଅ ଦୁର୍ବୃତ୍ତକୁ ଦେଖି ଚିତ୍କାର କରିଥିଲେ । ପରେ ଦୁର୍ବୃତ୍ତ ଜଣଙ୍କ ଯୁବତୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲା । ପରେ ଯୁବତୀଙ୍କୁ କାଳିମେଳା ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରରେ ଭର୍ତି କରାଯାଇଥିଲା । ତେବେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । ଏ ନେଇ ଏମ ଭି - ୭୯ ଥାନା ରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଏମ ଭି -୭୨ ଗ୍ରାମର ଅଭିଯୁକ୍ତ ଦେବନାଥ ରାୟ (୨୨) ଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଏମ ଭି - ୭୯ ଥାନା ଭାରପ୍ରାପ୍ତ ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ସୂଚନା ଦେଇଛନ୍ତି ।

# ଫିଜିକାଲ୍ ଟେଷ୍ଟ ବେଳେ ଟଳିପଡ଼ିଲେ ହୋମଗାର୍ଡ ପରୀକ୍ଷାର୍ଥୀ

**ଭୁବନେଶ୍ୱର:** ଫିଜିକାଲ୍ ଟେଷ୍ଟ ବେଳେ ଟଳିପଡ଼ିଲେ ହୋମଗାର୍ଡ ପରୀକ୍ଷାର୍ଥୀ । ତରତୁଆ ରିଜର୍ଭ ପଡ଼ିଆରେ ଶାରୀରିକ ପରୀକ୍ଷା ଚାଲିଥିବା ବେଳେ ଛାତ୍ର ଜଣଙ୍କ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ । ତାଙ୍କୁ ଉଦ୍ଧାର କରି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ।

ସୂଚାନାନୁଯାୟୀ, ଖୋର୍ଦ୍ଧା କେରଙ୍ଗ ଅଞ୍ଚଳର ଇମାଦୁଲ୍ ହକ୍ ହୋମଗାର୍ଡ ପରୀକ୍ଷା ଦେବାକୁ ଆସିଥିଲେ । ତରତୁଆ ରିଜର୍ଭ ପଡ଼ିଆରେ ଶାରୀରିକ ପରୀକ୍ଷା ଚାଲିଥିବା ବେଳେ ୧୬ଶହ ମିଟର ରନିଂରେ ଭାଗ ନେଇଥିଲେ । ଦୌଡୁଥିବା ବେଳେ ଇମାଦୁଲ୍ ହଠାତ୍ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ । ତାଙ୍କୁ ଉଦ୍ଧାର କରି ଭୁବନେଶ୍ୱରର ଏକ



ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ମୃତକଙ୍କ ପରିବାର ଲୋକେ ସରକାରଙ୍କୁ ସହାୟତା ରାଶି ମାଗିଛନ୍ତି ।

# ରାଜ୍ୟରେ ଛାତ୍ରୀଙ୍କ ସୁରକ୍ଷାକୁ ନେଇ ବିଜୁ ଜନତା ଦଳର ସ୍ମାରକପତ୍ର ପ୍ରଦାନ

**କେନ୍ଦୁଝର:** ରାଜ୍ୟରେ ଛାତ୍ରୀମାନଙ୍କର ସୁରକ୍ଷା ବିପନ୍ନ । ପ୍ରତ୍ୟେକ ଦିନ ଜଣେ ପରେ ଜଣେ ଛାତ୍ରୀ ଆତ୍ମଦାହ କରିବାକୁ ବାଧ ହେଉଛନ୍ତି । ପୋଲିସ ହାତରେ ହାତ ବାନ୍ଧି ବସିଥିବା ସହ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବା ଗୃହ ବିଭାଗ ଏକ ପ୍ରକାର କୋମାରେ ରହିଛି, ଏହାର ପ୍ରତିବାଦରେ ବିଜୁ ଜନତା ଦଳ ତରଫରୁ ରାଜ୍ୟ ବ୍ୟାପି ନାରୀ ନିର୍ଯାତନା ବିରୋଧରେ ପ୍ରତିବାଦରେ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯାଇଛି । ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତୀଙ୍କ ଆହ୍ୱାନ କ୍ରମେ ଜିଲ୍ଲା ବିଜେଡି, ଛାତ୍ର ଓ ଯୁବ ବିଜେଡି ପକ୍ଷରୁ କେନ୍ଦୁଝର ଟାଉନ ଥାନା ଅଧିକାରୀଙ୍କ ମାଧ୍ୟମରେ ସ୍ମାରକପତ୍ର ପ୍ରଦାନ କରିଥିଲେ । ରାଜ୍ୟରେ ମାଲକାନଗିରିରେ ଡବଲ ରେପ, ନବରଙ୍ଗପୁର ତେନ୍ତୁଳୀଖୁଂଟିରେ ଦୁଷ୍କର୍ମ ସହ ହତ୍ୟା, କୋରାପୁଟର ଆବାସିକ ବିଦ୍ୟାଳୟରେ ଛାତ୍ରୀଙ୍କୁ ଦୁଷ୍କର୍ମ ସହ ଅନେକ ସ୍ଥାନରେ ନିର୍ଯାତନା ସୀମା ଟପି ଥିବା ବେଳେ ଅପରାଧୀଙ୍କୁ ଧରାଯାଉନାହିଁ । ସରକାର ସ୍ଥାଣୁ ପାଲଟିଥିବା ବେଳେ ଅପରାଧୀଙ୍କ ପାଇଁ ଭୂସର୍ଗ ପାଲଟିଛି ଆମ ରାଜ୍ୟ ଓଡିଶା । ପ୍ରତ୍ୟେକ ଦିନ ବାଳିକାଙ୍କ ଜୀବନ ବିପନ୍ନ ହୋଇଛି ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସହର ମଧ୍ୟରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତି ଠାରୁ ଏକ ଶୋଭାଯାତ୍ରାରେ ଦଳୀୟ ନେତାଙ୍କ ସହ ବହୁ ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇ ସ୍ମାରକପତ୍ର ପ୍ରଦାନ କରିଥିଲେ । ଜିଲା ପରିଷଦ ଅଧକ୍ଷ ସାଗରୀକା ସାହୁ ୫ନମ୍ବର ଜିଲ୍ଲା ପରିଷଦ ରଥ ମୁଣ୍ଡା କ୍ଷୀରୋଦିନି ମହାକୁଡ଼, ଛାତ୍ର ନେତା ଜ୍ଞାନ ମହାପାତ୍ର, ଅଂଶୁମାନ ଚକ୍ରବର୍ତୀ, ଦେବଦୀପ୍ତ ଦାସ, ପ୍ରବୀଣ କୁମାର, ଆରୀଆନ ବିନ୍ଧାଣି, ଆୟୁଷ ଦାସ, ସାଗର ଦାସ, ତୁଷାର କୁମାର ପଣ୍ଡା, ମାନସ ବାରିକ, ଧିରେନ ପାତ୍ର, ସ୍ନେହାଶିଷ ମହାନ୍ତି, ସହ ଶତାଧିକ ଛାତ୍ର, କାଉନସିଲର ଶରତ ସାହୁ, ଦୟାନିଧି ପାତ୍ର, ଭଗବାନ ନାଏକ, କେନ୍ଦୁଝରଗଡ଼ ପୌର ପାଳିକାର ପୂର୍ବତନ ଅଧକ୍ଷା ମୀନା ମାଝୀ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା କମଳିନୀ ପାତ୍ର, ମଞ୍ଜୁଲତା ନାୟକ, ଗୀତାଞ୍ଜଳି ମହାନ୍ତି, ପୁନମ କୁମାରୀ, ଗୀତାଞ୍ଜଳି ପରିଡା, ବରିଷ୍ଠ ନେତା ରକ୍ଷାକର ସାହୁ, ପରେଶ ପ୍ରଧାନ, ସନ୍ତୋଷ ଦାସ, ସଦର ବ୍ଲକ ସଭାପତି ଚକ୍ର ଧର ପରିଡା, ନଗର ସଭାପତି ପୂର୍ଣ୍ଣ ଚନ୍ଦ୍ର ସାହୁ, ଯୁବନେତା ଲମ୍ବୋଦର ନାଏକ, ପୁର୍ନେନ୍ଦୁ ମହନ୍ତ, ରାଜୁ ବାରିକ, ସତ୍ୟବ୍ରତ ନାଏକ, ଟିକିନା ବ୍ରହ୍ମ, ପୁରୁଷୋତମ ପାତ୍ର, ନାରାୟଣ ନାଏକ, ଦେବୁ ପଟ୍ଟନାୟକ, ତାପସ ଦେହୁରୀ, ଶତାଧିକ କର୍ମୀ ଉପସ୍ଥିତ ରହି କେନ୍ଦୁଝର ଟାଉନ ଥାନା ଇନ୍ସପେକ୍ଟରଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ ।

## ଭଦ୍ରକ : ଖାଁ ଖାଁ ପୁରୁଣା ଡାକ୍ତରଖାନା

# ନୂଆ ଡାକ୍ତରଖାନାକୁ ରକ୍ତ ଭଣ୍ଡାର ସ୍ଥାନାନ୍ତର କେବେ ?

**ପୁରୁଣା ଡାକ୍ତରଖାନାରେ ଏକ ସିଟି ହସ୍ପିଟାଲ ପାଇଁ ଜିଲ୍ଲାବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଥିବା ବେଳେ ରାଜ୍ୟ ସରକାର ଏଠାରେ ଏକ ଡାକ୍ତରଖାନା ରଖିବା ସହ ଆଉଟ୍ ଡୋର ସିଷ୍ଟମ ରଖନ୍ତୁ ବୋଲି ଲୋକେ ଦାବି କରିଛନ୍ତି ।**

**ଭଦ୍ରକ:** ଭଦ୍ରକ ସହରରେ ଥିବା ପୁରୁଣା ଡାକ୍ତରଖାନାକୁ ଗେଲପୁରସ୍ଥିତ ନୂଆ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନନ୍ତର କରାଯାଉଛି । ପୁରୁଣା ଡାକ୍ତରଖାନା ଏବେ ଖାଁ ଖାଁ ଲାଗୁଛି । ସେଠି ସକାଳ ସନ୍ଧ୍ୟା ଦୁଇ ହଜାରରୁ ଅଧିକ ଲୋକ ଗହଳି ଲାଗୁଥିଲା । ସେ ସ୍ଥାନରେ ଏବେ ମାଛିଟିଏ ବି ଉଡୁନାହିଁ । ଏବେ ପୁରୁଣା



ଡାକ୍ତରଖନାନାରେ ଏକ ସିଟି ହସ୍ପିଟାଲ ପାଇଁ ଜିଲ୍ଲାବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଥିବା ବେଳେ ରାଜ୍ୟ ସରକାର ଏଠାରେ ଏକ ଡାକ୍ତରଖାନା ରଖିବା ସହ ଆଉଟ୍ ଡୋର ସିଷ୍ଟମ ରଖନ୍ତୁ ବୋଲି ଲୋକେ ଦାବି କରିଛନ୍ତି । ମାତ୍ର ସରକାର ଏ ଦିଗରେ କଣ ନିଷ୍ପତ୍ତି ନେବେ ତାହା ଜଣା ପଡିନାହିଁ ।

ଏହି ଡାକ୍ତରଖାନା ପରିସରରେ ରାତି ହେଲେ ମଦୁଆ ଓ ଅସାମାଜିକ ଯୁବକମାନେ ଆଡ୍ଡା ଜମେଇବା ପୂର୍ବରୁ ଏଠାରେ ସରକାର ସିଟି ହସ୍ପିଟାଲ କାର୍ଯ୍ୟକ୍ଷମ କରିବା ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ସହରବାସୀ ଦାବି କରିଛନ୍ତି । ସେହିପରି ନୂଆ ଡାକ୍ତରଖାନାରୁ ପୁରୁଣା ଡାକ୍ତରଖାନାରୁ ସବୁ ସାମଗ୍ରୀ ଉଠିଯିବା ପରେ ରକ୍ତ ଭଣ୍ଡାର ପୁରୁଣା ହସ୍ପିଟାଲରେ ରହିଯାଇଥିବା ଲୋକେ ନୂଆ ପୁରୁଣା ହସ୍ପିଟାଲକୁ ଦୌଡ଼ି ଦୌଡ଼ି କଷ୍ଟ ପାଉଛନ୍ତି । ଅଯଥାରେ ଅଟୋ ଭଡା ଗଣୁଛନ୍ତି ।

ରାତିରେ ସେଠୁ ଏଠାକୁ ଆସିବାରେ ଅସୁବିଧା ହେଉଛି । ଗେଲପୁର୍ ସ୍ଥିତ ନୂଆ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ କେବେ ରକ୍ତ ଭଣ୍ଡାର ସ୍ଥାନାନ୍ତର ହେବ ତାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ତୁରନ୍ତ ରକ୍ତ ଭଣ୍ଡାର ଗେଲପୁରକୁ ସ୍ଥାନାନ୍ତର ପାଇଁ ଦାବି କରିଛନ୍ତି । ରକ୍ତ ଭଣ୍ଡାର ଖୁବ ଶୀଘ୍ର ସ୍ଥାନାନ୍ତର ହେବ ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି ।

# ଓଡ଼ିଆ ବିଭାଗରେ ଦ୍ୱି-ଦିବସୀୟ ଅନ୍ତର୍ଜାତୀୟ ଆଲୋଚନାଚକ୍ରର ଉଦଯାପନୀ ଉତ୍ସବ

**କେନ୍ଦୁଝର:** ଧରଣୀଧର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା " ଆଧୁନିକତା ପରିପ୍ରେକ୍ଷୀରେ ଭାଷା ଓ ସାହିତ୍ୟ " ବିଷୟ ଆଧାରିତ ଦ୍ୱି-ଦିବସୀୟ ଅର୍ନ୍ତଜାତୀୟ ଆଲୋଚନା ଚକ୍ରର ଦ୍ୱିତୀୟ ଦିବସର ତୃତୀୟ ଅଧିବେଶନର ସଭା ଅନୁଷ୍ଠିତ ହୋଇଯାଇଛି । ଯେଉଁଥିରେ ଡ. ଚିତ ରଞ୍ଜନ ମିଶ୍ର ସଭାପତିତ୍ୱ ଗ୍ରହଣ କରି ନିଜ ଅଭିଭାଷଣରେ ଆଧୁନିକତା ସମ୍ପର୍କରେ ମତ ଉପସ୍ଥାପନ କରି ଆଧୁନିକତା ନାମରେ ପ୍ରାଚୀନ ସାହିତ୍ୟକୁ ବାଦ ଦେବା ଉଚିତ୍ ନୁହେଁ ।

ଏହା ଜନଜୀବନକୁ ପ୍ରେରଣା ପ୍ରଦାନ କରିଥାଏ ଏବଂ ସମୟ ସହ ପରିବର୍ତନ ହୋଇଥାଏ ବୋଲି କହିଥିଲେ । ତାଙ୍କ ପରେ ତ୍ରିଭୁବନ ବିଶ୍ୱବିଦ୍ୟାଳୟ, ନେପାଳର ପ୍ରଫେସର ଉତମ ଭଟରାଇ(ନେପାଳ) ନିଜ ବକ୍ତବ୍ୟରେ ଇଂରାଜୀ ସାହିତ୍ୟର ଯୁଗ ସମ୍ପର୍କରେ ଆଲୋଚନା କରିବା ସହିତ ତାହା ଓଡ଼ିଆ ଭାଷାକୁ କିପରି ପ୍ରଭାବିତ କରୁଛି ସେ ସମ୍ପର୍କରେ ଅଭିଭାଷଣ ରଖିଥିଲେ । ସେହିପରି ମିଆଁମାରରୁ ଆସିଥିବା ଶୀତଲ ପାଲବାବୁ ନିଜର ଆଧୁନିକ ସାହିତ୍ୟ ସଂପର୍କର ଅଭିମତ ରଖିଥିଲେ । ତାଙ୍କ ପରେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀର ପ୍ରଫେସର ଡ. ଦିଲ୍ଲୀପ କୁମାର ସ୍ୱାଇଁଙ୍କ ମତରେ ମନୁଷ୍ୟର ଚିନ୍ତନ ସ୍ତରରେ ଯେପରି ପରିବର୍ତନ ଆସିଥାଏ ତାହା ହିଁ ଆଧୁନିକତା । ଏହା ଓଡ଼ିଆ ମାଟି ସହ ଜଡ଼ିତ । ପ୍ରତିଟି ଭୂଖଣ୍ଡରେ ଏକ ନିଜସ୍ୱ ଆଧୁନିକତା ରହିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ । ତାଙ୍କପରେ ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକରୁ ପ୍ରଫେସର ଜ୍ଞାନୀ ଦେବାଶିଷ ମିଶ୍ର ନିଜ ଭାଷଣରେ ସାରଳା ଦାସ ଠାରୁ ଆରମ୍ଭ କରି ଗୋପବନ୍ଧୁ ଦାସଙ୍କ ରଚିତ ସାହିତ୍ୟରେ ଜଡ଼ିତ ଥିବା ଆଧୁନିକତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ତାଙ୍କ ପରେ ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରୁ ପ୍ରଫେସର ରୁଦ୍ର ନାରାୟଣ ମହାପାତ୍ର ନିଜ ଅଭିଭାଷଣରେ ମତ ରଖିଥିଲେ ଯେ, ପରମ୍ପରାର ପରିବର୍ତନ ସହିତ ଆଧୁନିକତା ପରିବର୍ତିତ ହେଉଥାଏ । କିପରି ଛୋଟ ଛୋଟ କଥାରେ ଆଧୁନିକତାକୁ ଖୋଜିବାର ପ୍ରୟାସ ଛାତ୍ରଛାତ୍ରୀମାନେ କରିବା ଉଚିତ୍ ସେ ସମ୍ପର୍କରେ ସେ ଉପଦେଶ ପ୍ରଦାନ କରିଥିଲେ ।

ତାଙ୍କ ପରେ ଅନେକ ଗବେଷକ ଓ ଗବେଶିକାମାନେ ପ୍ରସ୍ତୁତ କରିଥିବା ନିଜର ପ୍ରବନ୍ଧ ପାଠ କରିଥିଲେ । ଏହା ପରେ ଆରମ୍ଭ ହୋଇଥିଲା ଏହି ଆଲୋଚନା ଚକ୍ରର ଉଦଯାପନୀ ସଭା ଯେଉଁଥିରେ ଅବସର ପ୍ରାପ୍ତ ଅଧାପକ ଡ. ବିଦ୍ୟାଧର ବେହେରା ସଭା କାର୍ଯ୍ୟ ପରିଚାଳନା କରିଥିଲେ । ସେ ତାଙ୍କ ଅଭିଭାଷଣରେ କହିଥିଲେ ଭାଷା ହେଉଛି ମୂଳ । ଏହା ପ୍ରାଥମିକ ବିଜ୍ଞାନ । ତାଙ୍କ ପରେ ଅବସର ପ୍ରାପ୍ତ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରକାଶ ପଟ୍ଟନାୟକ ନିଜର ଅଭିଭାଷଣରେ କହିଥିଲେ ଯେ ଏକ ପରିବର୍ତନର ନାମକରଣରୁ ଆଧୁନିକତାର ସୃଷ୍ଟି ହୋଇଛି । ଏହା ସହିତ ସେ ବିଜ୍ଞାନ ଓ ଓଡ଼ିଆ ମଧ୍ୟରେ ଲୁଚି ରହିଥିବା ଆଧୁନିକତା ସମ୍ପର୍କରେ ମତ ଉପସ୍ଥାପନା କରିଥିଲେ । ତାଙ୍କ ପରେ ଧରଣୀଧର ବିଶ୍ୱବିଦ୍ୟାଳୟର ଅବସର ପ୍ରାପ୍ତ ଅଧାପକ ପ୍ରଫେସର ସୁଧାକର ଦାଶ ଏହି ଅର୍ନ୍ତଜାତୀୟ ଆଲୋଚନାଚକ୍ରର ମୂଲ୍ୟାୟନ କରିବା ସହ ନିଜ ବକ୍ତବ୍ୟରେ କହିଥିଲେ ଯେ, ସାହିତ୍ୟ ସର୍ବଦା ଏକ ସମୂହ ବା ସମଗ୍ରର କଥା କହିଥାଏ, ଏହାସହ କାବ୍ୟକବିତାରେ ଆଧୁନିକତାର ପ୍ରଭାବ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଉକ୍ତ ସଭାରେ ବିଭାଗର ମୁଖ୍ୟ ଡକ୍ଟର ସୁମନ୍ତ ନାଏକଙ୍କ ଲିଖିତ 'ଓଡ଼ିଆ ସାହିତ୍ୟର ଇତିହାସ' ପୁସ୍ତକ ଉନ୍ମୋଚନ ହେଇଥିଲା ।

ମାତୃଭାଷା

# ଖେଳ ଖବର



## ବିଏଫଆଇ ଅଧିକାରୀଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆଣିଲେ ଲଭ୍ଲିନା

**ମୁମ୍ବାଇ, ୮।୮:** ଟୋକିଓ ଅଲିମ୍ପିକ୍ କଂସ୍ୟ ପଦକ ବିଜୟିନୀ ଲଭ୍ଲିନା ବଡ଼ଗୋହାଇଁ ଭାରତୀୟ ବକ୍ସିଂ ମହାସଂଘର କାର୍ଯ୍ୟକାରୀ ନିର୍ଦ୍ଦେଶକ କର୍ଣ୍ଣେଲ ଅରୁଣ ମଲ୍ଲିକଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆଣିଛନ୍ତି । ଜୁଲାଇ ୮ରେ ହୋଇଥିବା ଏକ ଜୁମ୍ ମିଟିଂ ଅବସରରେ ଶ୍ରୀ ମଲ୍ଲିକ ତାଙ୍କୁ ସମସ୍ତଙ୍କ ସାମ୍ନାରେ ଲଜ୍ଜିତ କରିବା ସହ ଆଦୌ ପାଟି ନକରି ଚୁପ୍ ରହିବାକୁ ଚଢ଼ା ଗଳାରେ ତାଗିଦ କରିବା ସହ ମୁଣ୍ଡ ତଳକୁ କରି ଆମେ ଯାହା କରୁଛୁ, ତାକୁ ମାନିବାକୁ କହିଥିଲେ ବୋଲି ଲଭ୍ଲିନା ଏକ ଅଭିଯୋଗପତ୍ରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, ଭାରତୀୟ କ୍ରୀଡ଼ା ପ୍ରାଧିକରଣର ମହାନିର୍ଦ୍ଦେଶକ, ଭାରତୀୟ ଅଲିମ୍ପିକ୍ ସଂଘକୁ ଜଣାଇଛନ୍ତି । ବ୍ୟକ୍ତିଗତ ପ୍ରଶିକ୍ଷକଙ୍କୁ ଜାତୀୟ ପ୍ରଶିକ୍ଷଣ ଶିବିରରେ ସାମିଲ ହେବାର ସୁଯୋଗ ଦେବା ଲାଗି ଅନୁରୋଧ କରି ପରେ ଶ୍ରୀ ମଲ୍ଲିକ ଏଭଳି ଅଶାଳୀନ ବ୍ୟବହାର କରିଥିଲେ ବୋଲି ଲଭ୍ଲିନା ଉଲ୍ଲେଖ କରିଛନ୍ତି । ଅଭିଯୋଗ ପାଇବା ପରେ ସାଇ ପକ୍ଷରୁ ଏହାର ଅନୁଷ୍ଠାନିକ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ରିପୋର୍ଟ ଆସିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ସୂଚନା ଦିଆଯାଇଛି ।



# ନୂଆ କୋଚ୍ ଖୋଜୁଛି ବିସିସିଆଇ

**ନୂଆଦିଲ୍ଲୀ, ୮।୮:** ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ସେଣ୍ଟର ଅଫ୍ ଏକ୍ସେଲେନ୍ସ ପାଇଁ ନୂଆ ପ୍ରଶିକ୍ଷକ ଖୋଜୁଛି । ବିସିସିଆଇ ବୋଲିଂ ପ୍ରଶିକ୍ଷକ, ବ୍ୟାଟିଂ, କ୍ରୀଡ଼ା ବିଜ୍ଞାନ ଏବଂ ଚିକିତ୍ସା ବିଭାଗ ପାଇଁ ଆବେଦନ ମାଗିଛି । ପୂର୍ବତନ ଅଷ୍ଟ୍ରେଲୀୟ ପ୍ରଥମ ଶ୍ରେଣୀ ଦ୍ରୁତ ବୋଲର ଟ୍ରାୟ କୁଲି ୨୦୨୧ ମସିହାରେ NCAର ବୋଲିଂ ପ୍ରଶିକ୍ଷକ ହୋଇଥିଲେ । ତାଙ୍କର ୩ ବର୍ଷର କାର୍ଯ୍ୟକାଳ ଶେଷ ହୋଇଥିଲା । ସେ ବର୍ଦ୍ଧିତ କାର୍ଯ୍ୟକାଳରେ ଥିଲେ । ତାଙ୍କ ପର କିଏ ସେହି ସ୍ଥାନରେ ରହିବ ସେ ନେଇ କୋଚ୍ ଖୋଜୁଛି ବିସିସିଆଇ ।

ନୀତିନ ପଟେଲ ଦେଇଥିଲେ ଇସ୍ତଫା- କୁହାଯାଉଛି କି, ଟ୍ରାୟ କୁଲିଙ୍କ ସ୍ଥାନରେ ଭାରତୀୟ ଦ୍ରୁତ ବୋଲର [illegible] ସିଂହଙ୍କୁ ସ୍ଥାନ ମିଳିବାର ସମ୍ଭାବନା ରହିଛି । ସେ ପୂର୍ବରୁ ମଧ୍ୟ ତାଙ୍କ ସହିତ କାମ କରିଛନ୍ତି । ମେଡ଼ିକାଲ ଟିମ୍‌ର ମୁଖ୍ୟ ନୀତିନ ପଟେଲଙ୍କ ସମେତ ଅନେକ କର୍ମଚାରୀଙ୍କ ବିଦାୟ ପରେ ଅନେକ ପଦବୀ ଖାଲି ପଡ଼ିଛି । ନୀତିନ ପଟେଲ ମାର୍ଚ୍ଚ ମାସରେ ପଦରୁ ଇସ୍ତଫା ଦେଇଥିଲେ । ସ୍ପିନ୍ ବୋଲିଂ ପ୍ରଶିକ୍ଷକ ସାଇରାଜ ବାହୁତୁଲେ ମଧ୍ୟ ପଦ ଛାଡ଼ିଛନ୍ତି ।

### ୩ ପଦ ପାଇଁ ମାଗିଲା ଆବେଦନ

ବର୍ତ୍ତମାନ ସେ ରାଜସ୍ଥାନ ରୟାଲ୍ସର ସହାୟକ କର୍ମଚାରୀରେ ଅଛନ୍ତି ।

ଭିଭିଏସ୍ ଲକ୍ଷ୍ମଣଙ୍କ କାର୍ଯ୍ୟକାଳ ଶେଷ ହେଉଛି- ଆଉ ଜଣେ ଏନ୍‌ସିଏ ପ୍ରଶିକ୍ଷକ ସିତାଂଶୁ କୋଟକ ଜାତୀୟ ଦଳରେ ଯୋଗ ଦେଇଛନ୍ତି । ପୂର୍ବତନ ଭାରତୀୟ କ୍ରିକେଟର ଭିଭିଏସ ଲକ୍ଷ୍ମଣଙ୍କ ସିଓଇ ମୁଖ୍ୟ ଭାବରେ କାର୍ଯ୍ୟକାଳ ଚଳିତ ବର୍ଷ ଶେଷରେ ସମାପ୍ତ ହେଉଛି । ସେ ତାଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରିବାକୁ ଚାହୁଁନାହାନ୍ତି । ତାଙ୍କୁ ୨୦୨୭ ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ଏହି ପଦବୀରେ ରହିବାକୁ କୁହାଯାଇପାରେ ବୋଲି ଅନୁମାନ କରାଯାଉଛି ।



ଆବେଦନର ଶେଷ ତାରିଖ ଅଗଷ୍ଟ ୨୦- ବିସିସିଆଇ ୩ଟି ପ୍ରମୁଖ ପଦବୀ ପାଇଁ ବିଜ୍ଞାପନ ଦେଇଛି । ସେଥିରେ କୁହାଯାଇଛି ଯେ ବ୍ୟାଟିଂ ଏବଂ ବୋଲିଂ ପ୍ରଶିକ୍ଷକ ପଦବୀ ପାଇଁ ପ୍ରାର୍ଥୀ ଜଣେ ପୂର୍ବତନ ପ୍ରଥମ ଶ୍ରେଣୀ କିମ୍ବା ଅନ୍ତର୍ଜାତୀୟ କ୍ରିକେଟର ହେବା ଉଚିତ । ଯାହାଙ୍କ ପାଖରେ ବିସିସିଆଇ ସ୍ତରୀୟ ଦୁଇ କିମ୍ବା ତିନି ପ୍ରଶିକ୍ଷକ ପ୍ରମାଣପତ୍ର ଜରୁରୀ । ବ୍ୟାଟିଂ ପ୍ରଶିକ୍ଷକ ପଦବୀ ପାଇଁ, ରାଜ୍ୟ କିମ୍ବା ଉଚ୍ଚସ୍ତରୀୟ ଯୁବ ସ୍ତରରେ ସର୍ବନିମ୍ନ ୫ ବର୍ଷର ପ୍ରଶିକ୍ଷକ ଅଭିଜ୍ଞତା ରହିଥିବା ଦରକାର । ସେହିପରି ବୋଲିଂ ପ୍ରଶିକ୍ଷକ ପାଇଁ ମଧ୍ୟ ସମାନ ଅଭିଜ୍ଞତା ଆବଶ୍ୟକ । କ୍ରୀଡ଼ା ବିଜ୍ଞାନ ମୁଖ୍ୟ ପଦବୀ ପାଇଁ, ପ୍ରାର୍ଥୀଙ୍କର କ୍ରୀଡ଼ା ବିଜ୍ଞାନ କିମ୍ବା ସମ୍ବନ୍ଧୀୟ ବିଷୟରେ ମାଷ୍ଟର୍ସ (ଡକ୍ଟରେଟ୍) ଏବଂ ସର୍ବନିମ୍ନ ୫ ବର୍ଷର ପାଞ୍ଚ ବର୍ଷର ଅଭିଜ୍ଞତା ଥିବା ଉଚିତ୍ । ଆବେଦନ ପଠାଇବାର ଶେଷ ତାରିଖ ଅଗଷ୍ଟ ୨୦ ତାରିଖ ରହିଛି ।

## ପନ୍ତଙ୍କୁ କ୍ଷମା ମାଗିଲେ କ୍ରିସ ୱକ୍ସ



**ନୂଆଦିଲ୍ଲୀ, ୮।୮:** ଗତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଏକ ଘଟଣାକୁ ନେଇ ରିଷଭ ପନ୍ତଙ୍କୁ ଇଂଲଣ୍ଡ ଅଲ୍ ?ରାଉଣ୍ଡର କ୍ରିସ ୱକ୍ସ କ୍ଷମା ମାଗିଛନ୍ତି । ପଞ୍ଚମ ଟେଷ୍ଟରେ ୱକ୍ସ ଆହତ ହୋଇଥିଲେ । ଫିଲ୍ଡିଂ ବେଳେ ତାଙ୍କ ବାମ କାନ୍ଧ ଭାଙ୍ଗି ଯାଇଥିଲା । ତଥାପି ସେ ଅନ୍ତିମ ଦିବସରେ ବ୍ୟାଟିଂ କରିବାକୁ ଓହ୍ଲାଇଥିଲେ । ତାଙ୍କ ବାମ ହାତକୁ ବନ୍ଧାଯାଇ ସ୍ୱେଟର ଭିତରେ ରଖାଯାଇଥିଲା ।

ସେ କେବଳ ଡାହାଣ ହାତରେ ବ୍ୟାଟ୍ ଧରି ବ୍ୟାଟିଂ କରିବାର ଥିଲା । ଡାହାଣ ହାତରେ ସେ ଏଲବୋ ଗାର୍ଡ ଲଗାଇଥିବାରୁ ବାମ ହାତି ବ୍ୟାଟର ଭାବେ ଗାର୍ଡ ନେବା ଏକ ପ୍ରକାର ସ୍ପଷ୍ଟ ଥିଲା । ମାତ୍ର ସେ ବ୍ୟାଟିଂ କରିବାକୁ ସୁଯୋଗ ପାଇବା ପୂର୍ବରୁ ଇଂଲଣ୍ଡ ଅଲ୍ ଆଉଟ୍ ହୋଇଯାଇଥିଲା । ଗୋଟିଏ ହାତ ଭାଙ୍ଗିବା ସତ୍ତ୍ୱେ ଦଳ ପାଇଁ ବ୍ୟାଟିଂ କରିବାକୁ ଓହ୍ଲାଇବା ଏକ ସାହସିକ ପଦକ୍ଷେପ ଥିଲା ।

ଏଥିପାଇଁ ତାଙ୍କୁ ବହୁ ପ୍ରଶଂସା କରାଯାଇଥିଲା । ମ୍ୟାଚ ପରେ ଭାରତୀୟ ଦଳର ସମସ୍ତ ଖେଳାଳି ତାଙ୍କୁ ସମ୍ମାନ ଜଣାଇଥିଲେ । ପୂର୍ବ ମ୍ୟାଚ୍‌ରେ (ଚତୁର୍ଥ ଟେଷ୍ଟ) ଆହତ ହୋଇଥିବା ପନ୍ତ ସୋସିଆଲ ମିଡ଼ିଆରେ ୱକ୍ସଙ୍କ ଫଟୋ ସହ ସାଲ୍ୟୁଟ୍ ଇମୋଜି ଅପଲୋଡ କରିଥିଲେ । ଏହା ଦେଖିବା ପରେ ୱକ୍ସ ତାଙ୍କୁ ଧନ୍ୟବାଦ ଜଣାଇଥିଲେ ।

ଜବାବରେ ପନ୍ତ ତାଙ୍କ ନିକଟକୁ ଏକ ଭଏସ ମେସେଜ ପଠାଇଥିଲେ । ସେ କହିଥିଲେ, 'ଆଶା କରୁଛି ତୁମେ ଖୁବ୍ ଶୀଘ୍ର ଫିଟ୍ ହେବ ଓ ଆମେ ପୁଣି ଥରେ ଗ୍ରାଉଣ୍ଡ ଭିତରେ ସାମ୍ନା ସାମ୍ନି ହେବା ।' ପନ୍ତଙ୍କ ମେସେଜ ୱକ୍ସଙ୍କ ମନୋବଳ ବଢ଼ାଇ ଦେଇଥିଲା । ପରେ ୱକ୍ସ ମଧ୍ୟ ତାଙ୍କୁ କ୍ଷମା ମାଗିଥିଲେ । କାରଣ ଚତୁର୍ଥ ଟେଷ୍ଟରେ ୱକ୍ସଙ୍କ ବଲ୍‌ରେ ହିଁ ପନ୍ତ ଆହତ ହୋଇଥିଲେ ।

## ଶୁବମନ ଉତ୍ତରାଞ୍ଚଳ ଅଧିନାୟକ ନିଯୁକ୍ତ

**ମୁମ୍ବାଇ, ୮।୮:** ଆଗାମୀ ଦୁଲୀପ୍ ଟ୍ରଫି ପାଇଁ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଶୁଭମନ ଗିଲ୍‌ଙ୍କୁ ଉତ୍ତରାଞ୍ଚଳ ଅଧିନାୟକ ନିଯୁକ୍ତ କରାଯାଇଛି । ଟେଷ୍ଟ ଦଳରେ ସ୍ଥାନ ପାଇଥିବା ଅର୍ଶଦୀପ ସିଂହ ଓ ଅଂଶୁଲ କାମ୍ବୋଜଙ୍କ ସମେତ ବର୍ଡର୍‌ଗାଭାସ୍କର ଟ୍ରଫି ଖେଳିଥିବା ହର୍ଷିତ ରାଣା ଦଳର ପେସ୍ ବୋଲିଂ ବିଭାଗ ସମ୍ଭାଳିବେ । ଗିଲ୍, ହର୍ଷିତ ଓ ଅର୍ଶଦୀପଙ୍କ ପାଇଁ ୩ଜଣ ବଦଳ ଖେଳାଳିଙ୍କୁ ମଧ୍ୟ ଚୟନ କରାଯାଇଛି ।

ଆଗାମୀ ଏସିଆ କପ୍ ପାଇଁ ଘୋଷିତ ଦଳରେ ଗିଲ୍, ଅର୍ଶଦୀପ ଓ ହର୍ଷିତ ସ୍ଥାନ ପାଇଲେ ସେମାନଙ୍କ ସ୍ଥାନରେ ଯଥାକ୍ରମେ ଶୁଭମ ରୋହିଲା, ଗୁରନୂର ବ୍ରାର ଓ ଅନୁଜ ଠକରାଲ ଦଳରେ ପ୍ରବେଶ କରିବେ । ସେପ୍ଟେମ୍ବର ୯ରୁ ଏସିଆ କପ୍ ଆରମ୍ଭ ହୋଇ ୨୮ ତାରିଖରେ ଶେଷ ହେବ । ଦୁଲୀପ୍ ଟ୍ରଫି ଚଳିତ ମାସ ୨୮ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୧୫ ତାରିଖରେ ଶେଷ ହେବ । ପ୍ରଥମ ମ୍ୟାଚ୍‌ରେ ଉତ୍ତରାଞ୍ଚଳ ଓ ପୂର୍ବାଞ୍ଚଳ ସାମ୍ନାସାମ୍ନି ହେବେ ।

ଗତ ରଣଜୀ ଟ୍ରଫି ସିଜନରେ ୫୯ ହାରରେ ମୋଟ୍ ୫୭୪ ରନ ସଂଗ୍ରହ କରିଥିବା ଅଙ୍କିତ କୁମାରଙ୍କୁ ଉତ୍ତରାଞ୍ଚଳ ଦଳର ଉପ ଅଧିନାୟକ ନିଯୁକ୍ତ କରାଯାଇଛି । ଉତ୍ତରାଞ୍ଚଳ ଦଳରେ ଦିଲ୍ଲୀରୁ କେବଳ ହର୍ଷିତଙ୍କ ସହ ଯଶ ଧୂଲ ଓ ଆୟୁଷ ବାଦୋନି ସ୍ଥାନ ପାଇଛନ୍ତି । ମାତ୍ର ଜମ୍ମୁ ଓ କାଶ୍ମୀରରୁ ୫ଜଣ ଖେଳାଳିଙ୍କୁ ଏହି ଦଳରେ ସ୍ଥାନ ମିଳିଛି ।



### ଦୁଲୀପ୍ ଟ୍ରଫି

### ହର୍ଷିତ ଓ ଅର୍ଶଦୀପଙ୍କୁ ମିଳିଲା ସ୍ଥାନ

ଉତ୍ତରାଞ୍ଚଳ ଦଳ: ଶୁଭମନ ଗିଲ୍ (ଅଧିନାୟକ), ଶୁଭମ ଖଜୁରିଆ, ଅଙ୍କିତ କୁମାର, ଆୟୁଷ ବାଦୋନି, ଯଶ ଧୂଲ, ଅଙ୍କିତ କାଲସି, ନିଶାନ୍ତ ସିନ୍ଧୁ, ସାହିଲ ଲୋଟ୍ରା, ମୟଙ୍କ ଡଗର, ଯୁଦ୍ଧବୀର ସିଂହ ଚରକ, ଅର୍ଶଦୀପ ସିଂହ, ହର୍ଷିତ ରାଣା, ଅଂଶୁଲ କାମ୍ବୋଜ, ଆକିବ ନବି, କହ୍ନେୟା ୱାଧୱାନ ।

ଷ୍ଟାଣ୍ଡବାଇ: ଶୁଭମ ଆରୋରା, ଯଶକରଣବୀର ସିଂହ ପଲ, ରବି ଚୌହାନ, ଆବିଦ ମୁସ୍ତାକ, ନିଶଙ୍କ ବିର୍ଲା, ଉମର ନାଜିର, ଦିବେଶ ଶର୍ମା ।

## ସେଭିଲା ଷ୍ଟାଡିୟମ ଭଙ୍ଗାରୁଜା: ୪ ଅଭିଯୁକ୍ତ ଗିରଫ

**ସେଭିଲ,୮।୮:** ଗତ ମେ' ମାସରେ ସେଲ୍ଟା ଭିଗୋଠାରୁ ପରାଜୟ ପରେ ସେଭିଲା କ୍ଲବର ଟ୍ରେନିଂ ଗ୍ରାଉଣ୍ଡରେ ହୋଇଥିବା ଭଙ୍ଗାରୁଜା ଘଟଣା ଲାଗି ଶୁକ୍ରବାର ୪ ଜଣଙ୍କୁ ଗିରଫ କରାଯାଇଛି । ମ୍ୟାଚ୍‌ରେ ପରାଜୟ ଯୋଗୁ ଖେଳାଳିମାନେ ସୁରକ୍ଷାଜନିତ କାରଣରୁ ପୂରା ରାତି କମ୍ପ୍ଲେକ୍ସରେ ରହିଥିଲେ । ପ୍ରଶଂସକଙ୍କ ଏକ ବଡ଼ ଗୋଷ୍ଠୀ ଜୋସ ରାମନ ସିସନେରସ ପାଲାସିଓସ ଟ୍ରେନିଂ ଗ୍ରାଉଣ୍ଡ ମଧ୍ୟକୁ ଧଶେଇ ପଶିଥିଲେ । ମୁହଁ ଘୋଡ଼ାଇ ରଖିଥିବା ଅନେକ ପ୍ରଶଂସକ କାର୍ ପ୍ରବେଶ ପଥରେ ଥିବା ଗେଟ୍‌କୁ ଭାଙ୍ଗିବା ପରେ ଗ୍ରାଉଣ୍ଡ ଭିତରେ ଭଙ୍ଗାରୁଜା କରିଥିଲେ । ଏହି ଘଟଣାକୁ କ୍ଲବ ପକ୍ଷରୁ ନିନ୍ଦା କରାଯିବା ସହ ଏହାକୁ ସଂଗଠିତ ଭଙ୍ଗାରୁଜା କୁହାଯାଇଥିଲା । ଗତ ସିଜନରେ ଅଳ୍ପକେ ରିଲେଗଶନରୁ ବର୍ତ୍ତିଥିବା ସେଭିଲା ୨-୩ ଗୋଲରେ ଭିଗୋଠାରୁ ପରାଜିତ ହେବା ପରେ ହିଂସାକାଣ୍ଡ ତେଜି ଥିଲା । ସ୍ପାନିଶ ଖବରକାଗଜ ମାର୍କାରେ ପ୍ରକାଶ ପାଇଥିବା ରିପୋର୍ଟ ମୁତାବକ, ଷ୍ଟାଡିୟମ ଭଙ୍ଗାରୁଜା ଘଟଣାର ତଦନ୍ତ ଚାଲିଛି ଏବଂ ୪ ଜଣଙ୍କୁ ଗିରଫ କରାଯାଇଛି । ହେଲେ ରିପୋର୍ଟରେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ପରିଚୟ କିମ୍ବା ଶୁଣାଣି ତାରିଖ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ ।

## ଦୁଷ୍କର୍ମ ଅଭିଯୋଗରେ ପାକିସ୍ତାନ କ୍ରିକେଟର ହାଇଦର ଅଲ୍ଲୀ ଗିରଫ

**ନୂଆଦିଲ୍ଲୀ, ୮।୮:** ପାକିସ୍ତାନୀ କ୍ରିକେଟର ହାଇଦର ଅଲ୍ଲୀଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ । ଏନେଇ ତାଙ୍କୁ ଇଂଲଣ୍ଡର ଗ୍ରେଟର ମାଞ୍ଚେଷ୍ଟର ପୁଲିସ ଗିରଫ କରିଛି । ଏଥିସହ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯିବା ସହ କ୍ରିକେଟରଙ୍କ ପାସପୋର୍ଟ ମଧ୍ୟ ଜବତ କରାଯାଇଛି । ଅନ୍ୟପଟେ ପାକିସ୍ତାନ କ୍ରିକେଟ ବୋର୍ଡ ମଧ୍ୟ ତାଙ୍କୁ ନିଲମ୍ବିତ କରିଛି ।



ଏନେଇ ପିସିବିର ଜଣେ ମୁଖପାତ୍ର କହିଛନ୍ତି, "ଆମେ ଏହି ମାମଲା ଏବଂ ତଦନ୍ତ ବିଷୟରେ ଅବଗତ ହୋଇଛୁ । ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ହାଇଦରଙ୍କୁ ନିଲମ୍ବନ କରାଯାଇଛି ଏବଂ ଆମେ ଇଂଲଣ୍ଡରେ ନିଜସ୍ୱ ତଦନ୍ତ କରିବୁ ।" ତେବେ ପାକିସ୍ତାନ କ୍ରିକେଟ ଟିମରେ ଇଂଲଣ୍ଡ ଗସ୍ତରେ ଯାଇଥିବା ୨୪ ବର୍ଷୀୟ ହାଇଦର ଅଲୀଙ୍କ ବିରୋଧରେ ପୁଲିସ ଅଗଷ୍ଟ ୪ରେ ଏକ ଅଭିଯୋଗ ପାଇଥିଲା । ସେହି ଦିନ ଦୁଷ୍କର୍ମର ଅଭିଯୋଗ ପାଇବା ପରେ, ସେଠାକାର ପୁଲିସ ତାଙ୍କୁ ଗିରଫ କରିଥିବା କହିଛି । ହାଇଦରଙ୍କ କ୍ରିକେଟ୍ କ୍ୟାରିୟର କଥା କହିବାକୁ ଗଲେ, ପାକିସ୍ତାନ କ୍ରିକେଟ୍ ଦଳ ପାଇଁ ୨ଟି ଦିନିକିଆ ଏବଂ ୩୫ଟି ୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି । ତାଙ୍କର ଟି୨୦ରେ ୧୨୪ ଷ୍ଟ୍ରାଇକ୍ ରେଟରେ ୫୦୫ ରନ୍ ଅଛି, ଯେଉଁଥିରେ ୩ଟି ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ । ୨୦୨୦ ମସିହାରେ ଅନ୍ତର୍ଜାତୀୟ କ୍ରିକେଟରେ ଡେବ୍ୟୁ କରିଥିବା ହାଇଦର ୨୦୨୩ ମସିହାରେ ଆଫଗାନିସ୍ତାନ ବିପକ୍ଷରେ ତାଙ୍କର ଶେଷ ଟି-୨୦ ମ୍ୟାଚ୍ ଖେଳିଥିଲେ । ପ୍ରକାଶ ଥାଉକି, ପାକିସ୍ତାନ କ୍ରିକେଟରେ ଏହା ପୂର୍ବରୁ ମଧ୍ୟ ଖେଳାଳିଙ୍କ ଅସଦାଚରଣ ଘଟଣା ଘଟିଛି । ୨୦୧୦ରେ ଇଂଲଣ୍ଡ ଗସ୍ତ ସମୟରେ ପାକିସ୍ତାନର ତତ୍କାଳୀନ ଟେଷ୍ଟ ଅଧିନାୟକ ସଲମାନ ବଟ୍ଟ, ମହମ୍ମଦ ଆମିର ଓ ମହମ୍ମଦ ଆସିଫଙ୍କୁ ସ୍ପଟ ଫିକ୍ସିଂ ଅଭିଯୋଗରେ ଗିରଫ କରାଯାଇ ପାଞ୍ଚ ବର୍ଷ ପାଇଁ ନିଷିଦ୍ଧ କରାଯାଇଥିଲା ।

## ଜାତୀୟ କନିଷ୍ଠ ସନ୍ତରଣରେ ସାଇ ସ୍ୱରୂପଙ୍କୁ ଆଉ ଏକ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୮।୮:** ଅହମଦାବାଦରେ ଆୟୋଜିତ ୫୧ତମ ଜାତୀୟ କନିଷ୍ଠ ସନ୍ତରଣ ପ୍ରତିଯୋଗିତାରେ ଓଡ଼ିଶାର ଯୁବ ସନ୍ତରଣକାରୀ ସାଇ ସ୍ୱରୂପ ସାଇଁ ଚମତ୍କାର ପ୍ରଦର୍ଶନ କରି ୩ (୨ ସ୍ୱର୍ଣ୍ଣ, ୧ କାଂସ୍ୟ) ପଦକ ଜିତି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ଓଡ଼ିଶାର ପ୍ରଥମ ପୁରୁଷ ସନ୍ତରଣକାରୀ ଭାବେ ବୁଧବାର ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଜିତିବାର ଗୌରବ ଅର୍ଜନ କରିଥିବା ଏହି ବିସ୍ମୟ ବାଳକ ଶେଷ ଦିନରେ ଆଉ ଗୋଟିଏ ସ୍ୱର୍ଣ୍ଣ ପାଇଛନ୍ତି । ପୂର୍ବରୁ ୨୦୦ ମିଟର (୨:୩୧.୫୦) ବ୍ରେଷ୍ଟଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ଏବଂ ୫୦ ମିଟର (୩୨.୯୫) ବ୍ରେଷ୍ଟଷ୍ଟ୍ରୋକ୍‌ରେ କାଂସ୍ୟ ଜିତିଥିବା ସାଇସ୍ୱରୂପ ଗୁରୁବାର ବାଳକ ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍-୨ରେ ସ୍ୱର୍ଣ୍ଣ ଜିତିଛନ୍ତି । ଫାଇନାଲ୍ ରେସ୍‌କୁ ସେ ୧ ମିନିଟ୍ ୧୦.୬୧ ସେକେଣ୍ଡ୍‌ରେ ଶେଷ କରି ଏହି ପଦକ ପାଇଥିଲେ ।



କର୍ଣ୍ଣାଟକର ରିୟାଂଶ କାଣ୍ଡି (୧:୧୨.୦୧) ଏବଂ କେରଳର ଅଭିଜିତ ପି (୧:୧୩.୮୦) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ଜିତିଥିଲେ । ସାଇସ୍ୱରୂପଙ୍କ ଏହି ୩ ପଦକ ବଳରେ ଓଡ଼ିଶା ଅଷ୍ଟମ ସ୍ଥାନରେ ଅଭିଯାନ ଶେଷ କରିଛି । ଓଡ଼ିଶା କ୍ରୀଡ଼ା ଇତିହାସରେ ଦ୍ୱିତୀୟ ପୁରୁଷ ଭାବେ ସାଇ ସ୍ୱରୂପ ସନ୍ତରଣରୁ ଜାତୀୟ ପଦକ ଜିତିଛନ୍ତି । ପ୍ରଥମ ଓ ଶେଷ ପଦକଟି ୧୯୯୦ରେ ରଙ୍କନିଧି ସେଠ କାଂସ୍ୟ ପଦକ ଜିତିଥିଲେ । ଜେଏସ୍‌ଡବ୍ଲ୍ୟୁର ଇନ୍‌ସ୍ପାୟାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟସରେ ଯୁବେଶ ଦୁବେ ଏବଂ ଡଗଲାସ୍ ଇଗରଙ୍କଠାରୁ ପ୍ରଶିକ୍ଷଣ ନେଇ ସାଇ ସାଇ ସ୍ୱରୂପ ଏତେ ସଫଳତା ପାଇଥିବାରୁ ତାଙ୍କୁ ଉଭୟ ଅଭିନନ୍ଦନ ଜଣାଇଛନ୍ତି ।




## ବଢ଼ିଲା ୟୁଏସ ଓପନ ଗ୍ରାଣ୍ଡସ୍ଲାମ୍ ପୁରସ୍କାର ରାଶି

**ନ୍ୟୁୟର୍କ, ୮।୮:** ଆଗାମୀ ୟୁଏସ ଓପନ ଗ୍ରାଣ୍ଡସ୍ଲାମ୍‌ର ପୁରସ୍କାର ରାଶି ୨୦% ବୃଦ୍ଧି କରାଯାଇଛି । ଏଥର ମୋଟ୍ ପୁରସ୍କାର ରାଶିକୁ ୯୦ମିଲିୟନ ଡଲାର ରଖାଯାଇଛି । ଅର୍ଥାତ ଗତ ବର୍ଷର ପୁରସ୍କାର ରାଶି ତୁଳନାରେ ୨୦% ବୃଦ୍ଧି ହୋଇଛି । ଏଥର ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସ ଚାମ୍ପିଅନଙ୍କୁ ୨.୫ମିଲିୟନ ଡଲାର ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯିବ । ସେମି ଫାଇନାଲ୍ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧.୨୬ମିଲିୟନ ଡଲାର, କ୍ୱାର୍ଟର ଫାଇନାଲ୍ ଖେଳାଳିଙ୍କୁ ୬,୬୦,୦୦୦ ଡଲାର ଓ ରାଉଣ୍ଡ-୧୬ ପ୍ରତିଯୋଗୀଙ୍କୁ ୪ଲକ୍ଷ ଡଲାର ପୁରସ୍କାର ରାଶି ପ୍ରଦାନ କରାଯିବ । ଡବଲ୍ସରେ ମଧ୍ୟ ପୁରସ୍କାର ରାଶିକୁ ୨୩% ବୃଦ୍ଧି କରାଯାଇଛି । ଫଳରେ ମହିଳା, ପୁରୁଷ ଡବଲ୍ସ ଓ ମିକ୍ସଡ ଡବଲ୍ସ ବିଜେତାଙ୍କୁ ୧୦ଲକ୍ଷ ଡଲାର ଲେଖାଏଁ ପୁରସ୍କାର ପ୍ରଦାନ କରାଯିବ । ଯୋଗ୍ୟତା ପର୍ଯ୍ୟାୟରେ ଖେଳାଳିମାନେ ୮ମିଲିୟନ ଡଲାର ପୁରସ୍କାର ପାଇବେ । ଗତ ବର୍ଷ ତୁଳନାରେ ଏହା ୧୦% ଅଧିକ । ଟୁର୍ଣ୍ଣାମେଣ୍ଟ ସମୟରେ ଖେଳାଳିମାନଙ୍କୁ ଯାତ୍ରା ଖର୍ଚ୍ଚ ବାବଦରେ ୧୦୦୦ ଡଲାର ଓ ୨ଟି ହୋଟେଲ କକ୍ଷ ପ୍ରଦାନ କରାଯିବ । ଖେଳାଳିମାନେ ଆୟୋଜକଙ୍କ ଅଫିସିଆଲ୍ ହୋଟେଲରେ ନରହିବାକୁ ଚାହିଁଲେ ସେମାନଙ୍କୁ ଦୈନିକ ଅତିରିକ୍ତ ୬୦୦ଡଲାର ପ୍ରଦାନ କରାଯିବ ।

## ଦଳରୁ ରିଲିଜ୍ ପାଇଁ ସିଏସକେ ମ୍ୟାନେଜମେଣ୍ଟକୁ ଅଶ୍ୱିନଙ୍କ ନିବେଦନ

**ନୂଆଦିଲ୍ଲୀ, ୮।୮:** ଆଇପିଏଲ୍ ୨୦୨୬ ପାଇଁ ସବୁ ଫ୍ରାଞ୍ଚାଇଜ୍ ଏବେଠୁ ନିଜ ପ୍ରସ୍ତୁତି ଆରମ୍ଭ କରିଦେଲେଣି । ଖେଳାଳିମାନେ ବି ଫ୍ରାଞ୍ଚାଇଜ ଆଗରେ ନିଜର ଇଚ୍ଛା ରଖିବା ଆରମ୍ଭ କଲେଣି । କିଛି ଫ୍ରାଞ୍ଚାଇଜ ଖେଳାଳିଙ୍କୁ ଟ୍ରେଡ୍ ନକରି ରଖିବା ପାଇଁ ଚାହୁଁଥିବା ବେଳେ ଅନ୍ୟ କିଛି ଖେଳାଳି ରିଲିଜ୍ କରିବାକୁ ଚାହୁଁଛନ୍ତି । ଏହାରି ଭିତରେ ଅଶ୍ୱିନଙ୍କୁ ନେଇ ଏକ ବଡ଼ ଖବର ସାମନାକୁ ଆସୁଛି । ଅଶ୍ୱିନ ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଖେଳିବାକୁ ଚାହୁଁ ନାହାନ୍ତି । ଦଳରୁ ଅଲଗା ହେବାକୁ ଆବେଦନ କରିଥିବା ନେଇ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି । ଚେନ୍ନାଇ ସୁପର କିଙ୍ଗ୍ସ ମ୍ୟାନେଜମେଣ୍ଟ ତାଙ୍କୁ ମୁକ୍ତ କରନ୍ତୁ ବୋଲି ସେ ଚାହୁଁଛନ୍ତି । ଯଦି ଆର୍ ଅଶ୍ୱିନଙ୍କୁ ରିଲିଜ୍ କରାଯାଏ, ତେବେ ସେ ଆଇପିଏଲ ୨୦୨୬ ନିଲାମକୁ ଯିବେ । ତେବେ ଅଶ୍ୱିନଙ୍କ ଏହି ନିଷ୍ପତ୍ତି ପଛର କାରଣ କ'ଣ ତାହା ଏକ ବଡ଼ ପ୍ରଶ୍ନ ।



ଅଶ୍ୱିନ ଚେନ୍ନାଇ ପାଇଁ ଖେଳିବାକୁ କାହିଁକି ଚାହୁଁ ନାହାନ୍ତି ତାହାର କାରଣ ଜଣା ନାହିଁ, କିନ୍ତୁ ଦାବି କରାଯାଉଛି ଯେ ଡାହାଣହାତୀ ଅଭିଜ୍ଞ ସ୍ପିନର ଏବେ ନିଲାମକୁ ଯିବାକୁ ଚାହୁଁଛନ୍ତି । ଅଶ୍ୱିନ ୧୦ ବର୍ଷ ପରେ ଚେନ୍ନାଇ ଦଳକୁ ଫେରିଥିଲେ । ଆଇପିଏଲ୍ ୨୦୨୫ ନିଲାମରେ, ଅଶ୍ୱିନଙ୍କୁ ଚେନ୍ନାଇ ସୁପର କିଙ୍ଗସ ୯.୭୫ କୋଟି ଟଙ୍କାରେ କିଣିଥିଲା, କିନ୍ତୁ ଟୁର୍ଣ୍ଣାମେଣ୍ଟରେ ଏହି ଅଫ୍-

*ଅଶ୍ୱିନ ଚେନ୍ନାଇ ପାଇଁ ଖେଳିବାକୁ କାହିଁକି ଚାହୁଁ ନାହାନ୍ତି ତାହାର କାରଣ ଜଣା ନାହିଁ, କିନ୍ତୁ ଦାବି କରାଯାଉଛି ଯେ ଡାହାଣହାତୀ ଅଭିଜ୍ଞ ସ୍ପିନର ଏବେ ନିଲାମକୁ ଯିବାକୁ ଚାହୁଁଛନ୍ତି । ଅଶ୍ୱିନ ୧୦ ବର୍ଷ ପରେ ଚେନ୍ନାଇ ଦଳକୁ ଫେରିଥିଲେ । ଆଇପିଏଲ୍ ୨୦୨୫ ନିଲାମରେ, ଅଶ୍ୱିନଙ୍କୁ ଚେନ୍ନାଇ ସୁପର କିଙ୍ଗସ ୯.୭୫ କୋଟି ଟଙ୍କାରେ କିଣିଥିଲା, କିନ୍ତୁ ଟୁର୍ଣ୍ଣାମେଣ୍ଟରେ ଏହି ଅଫ୍-ସ୍ପିନର ପ୍ରଦର୍ଶନ ସେତେଟା ପ୍ରଭାବୀ ନଥିଲା ।*

ସ୍ପିନର ପ୍ରଦର୍ଶନ ସେତେଟା ପ୍ରଭାବୀ ନଥିଲା ।

ଆଇପିଏଲ୍ ୨୦୨୫ ଅଶ୍ୱିନଙ୍କ ପାଇଁ ନିରାଶଜନକ ଥିଲା । ଟିମ୍ ପାଇଁ ସେ କେବଳ ୯ଟି ମ୍ୟାଚ୍ ଖେଳି ୭ଟି ୱିକେଟ୍ ନେଇପାରିଥିଲେ । ବଡ଼ କଥା ହେଉଛି ଅଶ୍ୱିନଙ୍କ ଇକୋନୋମି ରେଟ୍ ପ୍ରତି ଓଭରରେ ୯.୧୩ ରନ୍ ଥିଲା । ଅଶ୍ୱିନ ୧୮୬ ବଲ୍‌ରେ ୨୮୩ ରନ୍ ଦେଇଥିଲେ । ଅନ୍ୟପଟେ ବ୍ୟାଟିଂରେ ୯ଟି ମ୍ୟାଚ୍‌ରେ କେବଳ ୩୩ ରନ୍ କରିଥିଲେ ।

ଏବେ ପ୍ରଶ୍ନ ହେଉଛି ଅଶ୍ୱିନ ନିଲାମକୁ ଯିବାକୁ କାହିଁକି ଚାହୁଁଛନ୍ତି ? ତାଙ୍କର ଅନ୍ୟ କୌଣସି ଦଳ ସହିତ କୌଣସି ଆଲୋଚନା ହୋଇଛି କି ? କିନ୍ତୁ ଏହା ସ୍ପଷ୍ଟ ଯେ ଭାବିଚିନ୍ତି ସତର୍କତାର ସହ ବିଚାର କରି ଏହି ନିଷ୍ପତ୍ତି ନେଇଛନ୍ତି । ଯଦି ମୋଟ ଉପରେ ଦେଖିବା ତେବେ ଆଇପିଏଲରେ ଅଶ୍ୱିନଙ୍କ ପ୍ରଦର୍ଶନ ଚମତ୍କାର ରହିଛି । ୨୨୧ ମ୍ୟାଚ୍‌ରେ ସେ ୧୮୭ ୱିକେଟ୍ ନେଇଛନ୍ତି । ଅଶ୍ୱିନଙ୍କ ଇକୋନୋମି ରେଟ୍ ୭.୨୦ ଯାହା ଯେକୌଣସି ସ୍ପିନର ତୁଳନାରେ ଭଲ ।

## ମୁଥ ମରାମରି ହେଲେ ଖେଳାଳି



**ମାଡ୍ରିଡ୍, ୭।୮:** ସିଜନ ଆରମ୍ଭ ହେବା ପୂର୍ବରୁ ରିଅଲ ବେଟିସ ଓ ଇଟାଲିଆନ୍ କ୍ଲବ କୋମୋ ମଧ୍ୟରେ ଖେଳାଯାଇଥିବା ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଖେଳାଳିଙ୍କ ମଧ୍ୟରେ ମୁଥ ମରାମରି ଭଳି ଘଟଣା ଘଟିଛି । ସଦର୍ନ ସ୍ପେନରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଶେଷ ଆଡ଼କୁ ବେଟିସ ଖେଳାଳି ପାବ୍ଲୋ ଫର୍ନାଲ୍ସ ଓ କୋମୋ ମିଡ୍‌ଫିଲ୍ଡର ମାକ୍ସିମୋ ପେରୋନଙ୍କ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ ହୋଇଥିଲା । ଏହାପରେ ଦୁହେଁ ପରସ୍ପରକୁ ମୁଥ ମାରିଥିଲେ ।

ଏଥିଯୋଗୁ ଉଭୟ ଦଳର ଖେଳାଳି ପରସ୍ପରକୁ ଆକ୍ରମଣ କରିଥିଲେ ଏବଂ ପରିସ୍ଥିତି ଅନିୟନ୍ତ୍ରିତ ହୋଇଯାଇଥିଲା । ଏଥିରେ ଦୁଇ ଦଳର ବେଞ୍ଚରେ ବସିଥିବା ଖେଳାଳି, ଷ୍ଟାଫ୍ ସଦସ୍ୟ ମଧ୍ୟ ସାମିଲ ହୋଇଥିଲେ । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଉଭୟ ଦଳର ଜଣେ ଲେଖାଏ ଖେଳାଳିଙ୍କୁ ରେଫରି ରେଡ୍ କାର୍ଡ ପ୍ରଦାନ କରିଥିଲେ । ପରେ ଖେଳ ପୁନଃ ଆରମ୍ଭ ହୋଇଥିଲା । ଶେଷରେ କୋମୋ ୩-୨ ଗୋଲରେ ମ୍ୟାଚ୍ ଜିତି ନେଇଥିଲା ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar